## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଖଡ଼ିଆଳ,୧୪।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନାଠାରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡୁଆଝର ଗ୍ରାମର ପ୍ରେମାନନ୍ଦ ଜଗତ (୩୫) ଏବଂ ଆହତ ମାଣ୍ଡୋସିଲ ଗ୍ରାମର ଚିନ୍ତାମଣି ସାଗର। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ରାତ୍ରିରେ ପ୍ରେମାନନ୍ଦ ଓ ଚିନ୍ତାମଣି ଖଡ଼ିଆଳଠାରୁ ଡୁଆଝର ଗ୍ରାମକୁ ଯାଉଥିବା ବେଳେ ନେହେନା ଓ ପୁଟୁପଡା ମଝିରେ ଭାରସାମ୍ୟ ହରାଇ ମୋଟରସାଇକେଲରୁ ପଡି ଯାଇଥିଲେ। ଦୁର୍ଘଟଣା ପରେ ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ପ୍ରେମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଚିନ୍ତାମଣିଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତ ଅଧିକାରୀ ଏସଆସି ଦୁର୍ଗା ପ୍ରଶାଦ ସାହୁ ପ୍ରକାଶ କରିଛନ୍ତି।

### ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

**ଖଡ଼ିଆଳ,୧୪।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ମୁଖ୍ୟବକ୍ତା ଭାବେ କେସିଙ୍ଗା କଲେଜ ଅଧକ୍ଷ ସୁଶାନ୍ତ ପାଢ଼ୀ ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କଳାକାର ଜିତେନ୍ଦ୍ର ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ବାଗ, ମହମଦ ୟାସିନ, ତାରକା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ୍ୟା ସୁଦୀକ୍ଷିତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଲିଟିଲ ଷ୍ଟାର ବିଦ୍ୟାଳୟ ପ୍ରବେଶ ଦ୍ୱାର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିବା ସମୃତ ତାଣ୍ଡି, ଗଣେଶ ମୂର୍ତ୍ତି ପ୍ରତିଷ୍ଠା କରିଥିବା ବିଜୟ ନାଇଡୁ ଓ ବିଦ୍ୟାଳୟରେ ଚମତ୍କାର ମୂର୍ତ୍ତି ତିଆରି କରିଥିବା ଭାରତ ସୁନାନୀଙ୍କ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହର୍ମିତ କୌର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ହିନ୍ଦୁ ନବବର୍ଷ, ହନୁମାନ ଜୟନ୍ତୀ ପାଳିତ

**ନୂଆପଡ଼ା ଅଫିସ,୧୪।୪:** ନୂଆପଡା ଜିଲା ପୁରପଲ୍ଲିରେ ଶୁକ୍ରବାର ହିନ୍ଦୁ ନବବର୍ଷ, ପଣା ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଦର ମହକୁମାସ୍ଥିତ ହନୁମାନ ମନ୍ଦିରଠାରେ ମହାବିଷୁବ ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ପାଳିତ ହେଉଥିବା ବେଳେ ତରବୋଡ ପ୍ରଜେକ୍ଟ ସମ୍ଭବ ନିକଟସ୍ଥ ହନୁମାନ ମନ୍ଦିର ଓ ବଞ୍ଜାରୀସ୍ଥିତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହେଉଛି। ବେଲ, ତରଭୁଜ, କଦଳି, ଦହି, ଗୁଡ ଆଦିକୁ ପଣା ବନାଇ ପ୍ରଭୁ ହନୁମାନଠାରେ ଭୋଗ ଲଗାଇ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଆକାରେ ଦିଆଯାଉଛି। ଜିଲା ଅଧିକାଂଶ ସ୍ଥାନରେ ବିଭିନ୍ନ ସୁସ୍ୱାଦୁ ଅନ୍ନ ଭୋଗ କରି ଲୋକଙ୍କୁ ଦିଆଯାଉଛି। ରାସ୍ତା କଡରେ ଦହି, ଲେମ୍ବୁ ପାଣି, ଲସି, ଆଇସକ୍ରିମ, ସରବତ କରି ପଥିକମାନଙ୍କୁ ଦେବା ସହ ଯାନବାହନରେ ଯାଉଥିବା ଲୋକଙ୍କୁ ମଧ୍ୟ ଏସବୁ ଦିଆଯାଉଛି। ଓଡିଆ ପରମ୍ପରା ଅନୁଯାୟୀ ଏହି ଦିନଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଓଡିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କହିଥାନ୍ତି। ଏହି ଦିନଠାରୁ ଓଡିଆ ପଞ୍ଜିକାର ଗଣନା ଅନୁସାରେ ମହା ବିଷୁବ ସଂକ୍ରାନ୍ତି ହିଁ ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଇ ଓଡିଆ ନବବର୍ଷ ଭାବେ ପାଳନ କରିଥାନ୍ତି।

# ଲଘୁବନଜାତ ଦ୍ରବ୍ୟର ଅଭାବୀ ବିକ୍ରି

**ନୂଆପଡ଼ା ଅଫିସ,୧୪।୪**


ମହୁଲଫୁଲ ଶୁଖା ଯାଇଛି।

ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ଲଘୁବନଜାତ ଦ୍ରବ୍ୟର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରାଯାଉ ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେବାକୁ ପଡୁଛି। ଦଲାଲମାନେ ମହୁଲଫୁଲ କ୍ରୟ କରି ବଦଳରେ ପାତଳଘଣ୍ଟା ଓ ଆଳୁ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ବଜାରରେ ମହୁଲ ଦର ୨୦ ଟଙ୍କା ଥିବାବେଳେ ପାତଳଘଣ୍ଟା (ଟମୋଟ) ୧୦ ଓ ଆଳୁ ୧୫ ଟଙ୍କା ରହିଛି। ମରୁଡି ପ୍ରପିଡିତ ତଥା ଆଦିବାସୀ ଅଧ୍ୟୁଷିତ ଜିଲାରେ ଅଧିକ ଲୋକ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୦ ମାର୍ଚ୍ଚରେ ଲଘୁବନଜାତ ଦ୍ରବ୍ୟର ସଂଗ୍ରହ ଦାୟିତ୍ୱ ଗ୍ରାମପଞ୍ଚାୟତ ହାତରେ ନ୍ୟସ୍ତ କରାଯାଇଥିଲା। ହେଲେ ସରକାରଙ୍କ ଏହି ଦାୟିତ୍ୱ ଉପରେ ଗ୍ରାମପଞ୍ଚାୟତ ଗୁରୁତ୍ୱ ଦେଉ ନ ଥିବାରୁ ଏହାର ସଂଗ୍ରହ ଏକ ପ୍ରହସନରେ ପରିଣତ ହୋଇଛି। କେବଳ ସେତିକି ନୁହେଁ ବନଜାତ ଦ୍ରବ୍ୟର ନିର୍ଦ୍ଧାରିତ ମୂଲ୍ୟ ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ଲେଖାଯିବା ପାଇଁ ନିୟମ ଥିବାବେଳେ ତାହା ପାଳନ କରାଯାଉ ନାହିଁ। ଫଳରେ ବାହାର ଅଞ୍ଚଳର ଦଲାଲ ଶ୍ରେଣୀର ଲୋକେ ଗ୍ରାମାଞ୍ଚଳରେ ଆଡ୍ଡା ଜମାଇ ଆଦିବାସୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ବନଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଗ୍ରାମପଞ୍ଚାୟତ ଧାରା ୧୯୯୬ ଅନୁସାରେ ସରକାରୀ କର୍ପୋରେସନ କିମ୍ବା ବ୍ୟବସାୟୀମାନେ ଅଗ୍ରୀମ ୧୦୦ ଟଙ୍କା ଦେଇ ନାମ ପଞ୍ଜୀକରଣ କରିବା କଥ, ମାତ୍ର ତାହା କରାଯାଉ ନାହିଁ। ଫଳରେ ଛତିଶଗଡର ଅଣପଞ୍ଜୀକୃତ ଦଲାଲମାନେ ସରଳ ଆଦିବାସୀଙ୍କୁ ଶୋଷଣ କରୁଛନ୍ତି। ବର୍ତ୍ତମାନ ବଜାରରେ ମହୁଲଫୁଲ କେଜି ପ୍ରତି ୨୦ ରହିଛି। ମାତ୍ର ବେପାରୀ କେଜିଏ ମହୁଲଫୁଲ ନେଇ ବଦଳରେ ବ୍ୟକ୍ତିଙ୍କୁ ପାତଳଘଣ୍ଟା ଦେଉଛନ୍ତି। ବଜାରରେ ବର୍ତ୍ତମାନ ପାତଳଘଣ୍ଟା ମୂଲ୍ୟ ୧୦ ଟଙ୍କା ରହିଛି। ବଜାର ଠିକ ଦର ସମ୍ପର୍କରେ ଲୋକମାନେ ଅବଗତ ନ ଥିବାରୁ ତାଙ୍କୁ ଶୋଷଣ କରାଯାଉଛି। ସେହିପରି ତେନ୍ତୁଳି, ଅଁଳା, ବାହାଡା, ହରିଡା, ଲାଖ, ମହୁ, ଝୁଣା, ଲସା ଇତ୍ୟାଦିର କୌଣସି ନିର୍ଦ୍ଧିଷ୍ଟ ଦର ନାହିଁ। ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଧିଷ୍ଟ ଦର କରାଯାଇ ନ ଥିବାରୁ ଶାଗମାଛ ମୂଲ୍ୟରେ ସଂଗ୍ରହକାରୀଙ୍କଠାରୁ ବେପାରୀମାନେ କିଣି ଲାଭବାନ ହେଉଛନ୍ତି। ଜିଲା ପ୍ରଶାସନର ଆଦୌ ଦୃଷ୍ଟି ନ ଥିବାରୁ ସଂଗ୍ରହକାରୀ ହତାଶ ଏବଂ ବେପାରୀ ମାଲେମାଲ ହେଉଛନ୍ତି। ଏ ସକ୍ରାନ୍ତରେ କୋମନା ବନ ବିଭାଗ ରେଞ୍ଜର ଦେବଦତ ସୁତାରଙ୍କୁ ପଚାରିବରୁ ବନ ବିଭାଗ ହାତରେ ଥିବାବେଳେ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ପାଉଥିଲା। ଯେତେବେଳେ ସରକାର ପଞ୍ଚାୟତକୁ ନ୍ୟସ୍ତ ଦେବାପଠାରୁ ଚୋରା ବେପାରୀମାନେ ପଞ୍ଚାୟତିରାଜ ବିଭାଗକୁ ହାତବାରିଶି କରି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟି ଖାଉଛନ୍ତି। କୋମନା ବିଡିଓ ସୁଶାନ୍ତ ରଣାଙ୍କୁ ପଚାରିବାରୁ ଏହି ସବୁ ପଞ୍ଚାୟତ ହାତରେ ନାହିଁ ବୋଲି କହିଥିଲେ।

## ମହୁଲ ବଦଳରେ ପାତଳଘଣ୍ଟା

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ


କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଛି।

**ଭବାନୀପାଟଣା,୧୪।୪(ସ୍ୱ.ପ୍ର.)**

- କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ
- ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କୁଟୁରୁଖମାର ଛକ ନିକଟରେ ଶୁକ୍ରବାର ସକାଳେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ଅଖିଳ ମାଝି ବୋଲି ଜଣାପଡିଛି। ସକାଳୁ ଚାଷ ଜମିକୁ ପାଣି ମଡ଼ାଇବା ପାଇଁ ଅଖିଳ ଯାଉଥିବା ବେଳେ ଗାଁଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଖିଳଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଓ ଗ୍ରାମବାସୀ ସେଠାରେ ପହଞ୍ଚି କ୍ଷତିପୂରଣ ଦାବିରେ ସକାଳ ୬ଟାରୁ ମୃତଦେହ ରଖି ସ୍ଥାନୀୟ ଭବାନୀପାଟଣା-ଜୁନାଗଡ଼ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ଆଇଆଇସି ଓ ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଓ ରେଡ଼କ୍ରସରେ ୧୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସକାଳ ୯ଟାରେ ରାସ୍ତାରୋକୋ ହଟିଥିଲା। ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଏବେ ବେସାହାରା ହୋଇପଡିଛି।

# ନୂଆପଡ଼ାରେ ଆମ୍ବେଡ୍‌କର ଜୟନ୍ତୀ



ଆମ୍ବେଡକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନୂଆପଡା ଅଫିସ/ସିନାପାଲି/ଖଡ଼ିଆଳ/ବୋଡେନ,୧୪।୪(ଡି.ଏନ.ଏ.)**

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନି କକ୍ଷରେ ଜିଲାସ୍ତରୀୟ ବାବା ସାହେବ ଡା.ବିଆର ଆମ୍ବେଡକଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ରଜତ ସମାଜ ଜିଲା ସଭାପତି ଲୋକନାଥ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସଦର ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ଓ ସମ୍ମାନିତ ବକ୍ତା ଭାବେ ତୋର୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ ପ୍ରବୋଧ ହୋତା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ସାହୁ ଯୋଗଦେଇ ଆମ୍ବେଡକରଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷାବିତ, ବିଭିନ୍ନ ଯୁବଅନୁଷ୍ଠାନ, ରଜତ ସମାଜ, ଦଳିତ ସମାଜ ଓ ଅନ୍ୟାନ୍ୟ ସମାଜର ମୁଖପାତ୍ରମାନେ ଯୋଗଦେଇଥିଲେ। ବରିଷ୍ଠ ସହାୟକ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରାଜେଶ ରଞ୍ଜନ ବହିଦାର, ସୁକାନ୍ତ ଶତପଥୀ, ବଳରାମ ସୋନି, ଗଦାଧର ମାଝି ପ୍ରମୁଖ ସହଯୋଗ କରିଥିଲେ।

ବୋଡେନ ବ୍ଲକ ଆମ୍ବେଡକର କ୍ଲବ ପକ୍ଷରୁ ବୋଡେନ ବସ୍‌ଷ୍ଟାଣ୍ଡ ପାଖରେ ରାଜକୁମାର ନାଗଙ୍କ ସଭାପତିତ୍ୱରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ଅଧାପକ ସାମୁଏଲ ଦାନୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କରଙ୍ଗାମାଲ କଲେଜ ଅଧକ୍ଷ ଦେବରାଜ ମାଝି, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ ଶବଣ କୁମାର ନିଆଲ, ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ବୋଡେନ ସରପଞ୍ଚ ରଶ୍ମିତା ସିହ୍ନା, ସମିତିସଭ୍ୟା ଯାଜ୍ଞସେନୀ ନାଏକ, ମହମ୍ମଦ ଫାରୁକ, ଛବି ସାଗର, କପିଳେନ୍ଦ୍ର ଦାସ, ହେମକାନ୍ତି ଦୁରିଆ, ଫରସରା ସମିତିସଭ୍ୟା ବାଳିକା ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚସୀନ ଥିଲେ। ଆମ୍ବେଡକର କ୍ଲବ ସମ୍ପାଦକ ବୈଷ୍ଣବ ଦୁରିଆ ଓ କୋଷାଧକ୍ଷ ନରେନ୍ଦ୍ର ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷ୍ଣଲାଲ ଦୀପ, ଯୋଗେନ୍ଦ୍ର ମହାନନ୍ଦ, ଉଦେଚନ ନାଗ, ନରେନ୍ଦ୍ର ଦୁରିଆ, ପୀତାମ୍ବର ଦୀପ, ସୁରେନ୍ଦ୍ର ମହାନନ୍ଦ, ଶଙ୍କର୍ଷଣ ମହାନନ୍ଦ, ଦୁଷ୍ମନ୍ତ ନାଗ, ପଙ୍କଜ ଜଗତ, ସୋନୁ ନାଗ, ଦୀପକ ସୌମ୍ୟ, ଅନନ୍ତ ପ୍ରମୁଖଙ୍କ ସମସ୍ତ ଯବୁଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହେପରି ଖଡ଼ିଆଳ କଂଗ୍ରେସ କମିଟି ପକ୍ଷରୁ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଦେଶର ଗରିବ ଦଳିତ ଏବଂ ନିଷ୍ପେସିତ ଜନତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆମ୍ବେଦକରଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ସଭାରେ ଖଡ଼ିଆଳ କଂଗ୍ରେସ କମିଟି ସଭାପତି ଶ୍ୟାମ ସୁନ୍ଦର କୂଳଦୀପ ଅଧକ୍ଷତା କରିଥିବା ବେଳେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ମହାନନ୍ଦ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦେଇ ଭିମରାଓଙ୍କ ଜୀନୀ ଉପରେ ଆଲୋକପାତ କରିଥିଲେ। ଶତାଧିକ କଂଗ୍ରେସ କମିଟି ସଭ୍ୟମାନେ ଯୋଗଦେଇଥିଲେ।

## ମଦ ବିକ୍ରି ବନ୍ଦ କରା ନ ଗଲେ ଆନ୍ଦୋଳନ

**କେସିଙ୍ଗା,୧୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମରେ ବେନିୟମ ଭାବେ ମଦ ବିକ୍ରି ନେଇ ଜିଲା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ବନ୍ଦ କରା ନ ଗଲେ ଆନ୍ଦୋଳନ କରିବା ନେଇ ଗ୍ରାମବାସୀ ଚେତାବନୀ ଚେତାବନୀ ଦେଇଛନ୍ତି। କାଣ୍ଡେଲ ଗ୍ରାମରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଲୋକମାନେ ବସବାସ କରନ୍ତି। ଅଧିକାଂଶ ଆଦିବାସୀ, ହରିଜନ ଓ ସାଧାରଣ ବର୍ଗର ଲୋକମାନେ ରହନ୍ତି। ଦୈନିକ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଗ୍ରାମରେ ଥିବା ହନୁମାନ ଛକ, ଗାନ୍ଧୀ ଛକ ଓ ଗ୍ରାମପଞ୍ଚାୟତ ଛକ ନିକଟରେ ଦେଶୀ, ବିଦେଶୀ ମଦ ଚଡା ଦରରେ ବିକ୍ରି କରାଯାଉଛି। ଏହି ଗ୍ରାମରେ ହାଇସ୍କୁଲ, ପାକ୍ସ, ହସ୍ପିଟାଲ, ଅଙ୍ଗନୱାଡି କେନ୍ଦ୍ର ରହିଛି। ସ୍କୁଲ ଛାତ୍ରୀଛାତ୍ର, ଗ୍ରାମର ମହିଳା, ଯୁବତୀମାନେ ସନ୍ଧ୍ୟାରେ ନିକଟ ପୋଖରୀକୁ ଯିବା ସମୟରେ ମଦୁଆମାନେ ମଦ ପିଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ପିଟ କରୁଛନ୍ତି। ବେନିୟମ ଭାବେ ମଦ ବିକ୍ରେତାଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିବା ସହ ଯଦିଓ ମଦ ବିକ୍ରି ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଅବକାରୀ ବିଭାଗର ଇନ୍ସପେକ୍ଟର ବିଶ୍ୱଜିତ ଆରୁକଙ୍କୁ ପଚାରିବାରୁ ଲିଖିତ ଅଭିଯୋଗ ହସ୍ତଗତ ହୋଇନାହିଁ, ନିଶ୍ଚିତ ଭାବେ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।

# କ୍ଷୁଦ୍ର ଚଳଚ୍ଚିତ୍ର 'ଫଗୁନ'ର ଶୁଭମହୁରତ


ବୁଢାରଜା ମନ୍ଦିରରେ କ୍ଷୁଦ୍ର ଚଳଚ୍ଚିତ୍ର ଶୁଭ ମହୁରତ।

**କୋକସରା,୧୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢ଼ାରଜାଙ୍କ ପୀଠରୁ ବୁଧବାର କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ସଚେତନଧର୍ମି ସୁନ୍ଦର କ୍ଷୁଦ୍ର ଚଳଚ୍ଚିତ୍ର 'ଫଗୁନ'ର ଶୁଭ ମହୁରତ ହୋଇଛି। କାରୁଣ୍ଡ ପ୍ରଡକ୍ସନ ନିବେଦନ ଏହି କ୍ଷୁଦ୍ର ଚଳଚ୍ଚିତ୍ର 'ଫଗୁନ' ର ଚିତ୍ରନାଟ୍ୟ, ନିର୍ଦ୍ଦେଶନା ଓ ପ୍ରଯୋଜନା ପ୍ରଦୀପ ଡି. ମାଝି ରହିଥିବାବେଳେ କାହାଣୀ ଓ ସଂଳାପ ପ୍ରଶାନ୍ତ ମୁନି, ସହ ନିର୍ଦ୍ଦେଶକ ଭାବେ କାହ୍ନୁ ଗୌଡ଼ ରହିଛନ୍ତି। ପୂଜାର୍ଚ୍ଚନା ପରେ ଆମପାଣିସ୍ଥିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଜଙ୍ଗଲ ପରିବେଷ୍ଟିତ 'କରକ' ଜଳ ପ୍ରପାତରୁ ସୁଟିଂ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅଞ୍ଚଳର ଅନେକ ସ୍ଥାନରେ ମଧ ସୁଟିଂ କରାଯାଇ ସେ ସ୍ଥାନଗୁଡିକୁ ଏହି କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଲୋକଲୋଚନକୁ ଆଣିବା ନେଇ ସୂଚନା ଦିଆଯାଇଛି। କାରୁଣ୍ଡ ପ୍ରଡକ୍ସନ ଦ୍ୱାରା ୧୫ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ ହୋଇଥିବାବେଳେ ଆମପାଣି ଅଞ୍ଚଳରେ 'ଗନ୍ଦରୀ ପାଏନ ହାଏ ହାଏ, 'ବଦନି' ଭଳି ୪ ଗୋଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ ହୋଇଥିବା ପ୍ରଯୋଜକ ଡି.ମାଝି କହିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର 'ଫଗୁନ' ଦ୍ୱାରା ଲୋକଙ୍କ ଜୀବନରେ କିପରି ନୂତନ ଫଗୁଣ ଆସିବ, ଏବଂ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଯିବା ସହିତ ଜୀବନରେ ପରିବର୍ତ୍ତନ ହେବ ସେ ଉପରେ ଚଳଚ୍ଚିତ୍ର ରଚନା ହୋଇଥିବା ଲେଖକ ପ୍ରଶାନ୍ତ ମୁନି କହିଛନ୍ତି। ଜଣାଶୁଣା ଅଭିନେତା ବିନୋଦ ସିଂ, କୁମୁଦ ପୂଝାରୀ, କିଶନ କୁମାର ପଟ୍ଟନାୟକ, କୁନି କଳାକାର ପ୍ରିତୀ ରାଉତ, ଦୟାନିଧି ନାଏକ, ବୃହସ୍ପତି ସେଲମା ପ୍ରମୁଖ ଅଭିନୟରେ ଅଛନ୍ତି।

## ଉଦ୍ୟାନବନ୍ଧଠାରେ ଆମ୍ବେଡ୍‌କର ଜୟନ୍ତୀ ପାଳିତ

**ନୂଆପଡା ଅଫିସ/କୋମନା, ୧୪।୪(ଡି.ଏନ.ଏ.)**

ନୂଆପଡା ଜିଲା ଅନୁସୁଚିତ ଜାତି ବିକାଶ ପରିଷଦ ଆନୁକୂଲ୍ୟରେ ମହାମାନବ ଭାରତରତ୍ନ ଡାକ୍ତର ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ଉଦ୍ୟାନବନ୍ଧଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଈଶ୍ୱର ଚନ୍ଦ୍ର ସୁନାନୀ ଅଧ୍ୟକ୍ଷତା କରିଥିବା ବେଳେ ସାମାଜିକ କର୍ମୀ ସୋମନାଥ ଖମାରୀ ମୁଖ୍ୟଅତିଥି, ଦୁହେଲପଡା ପଲ୍ଲୀ ପ୍ରଗତି କଲେଜ ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ ମୁଖ୍ୟବକ୍ତା, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଅବସରପ୍ରାପ୍ତ ଜିଲା ଶିକ୍ଷା ନୀରିକ୍ଷକ ଚିତ୍ତରଞ୍ଜନ ସୁନାନୀ, ସମାଜ ମଙ୍ଗଳ ବିଭାଗ ଉଦୟ ସିଂ ମାଝି, ଢଙ୍କସର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡେଶ୍ୱର ଗହିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚରଣ ନେତାମ ମଞ୍ଚ ପରିଚାଳନା କରିଥିଲେ। ବାବସାହେବଙ୍କ ଜୀବନୀ ଓ ସମାଜ ତଥା ରାଷ୍ଟ୍ର ପାଇଁ ତାଙ୍କର ଅତୁଳନୀୟ ଅବଦାନ ଉପରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ।



ମଞ୍ଚାସୀନ ଅତିଥିବୃନ୍ଦ।

# ପ୍ରତିଶ୍ରୁତି ପାଣିର ଗାର, ବେସାହାରା ପରିବାର

**ଭବାନୀପାଟଣା,୧୪।୪(ସ୍ୱ.ପ୍ର.)**


ମୃତ ମଦନ ମାଝିଙ୍କ ପରିବାରବର୍ଗ।

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବଡ଼ପୁଝାରିଗୁଡା ପଞ୍ଚାୟତ ବତାସୀଗୁଡା ଗ୍ରାମର ସ୍ୱର୍ଗତ ମଦନ ମାଝିଙ୍କ ପରିବାର ଏବେ ଦୁର୍ବିସହ ଜୀବନଯାପନ କରୁଛନ୍ତି। କେନ୍ଦୁଲିଭରେ କାମ କରି ପରିବାରକୁ ରୋଜଗାର ଯୋଗାଉ ଥିବା ମଦନଙ୍କ ଅକାଳ ବିୟୋଗ ପରେ ପରିବାର ଲୋକେ ଦୁଇ ଓଳି ଦୁଇ ମୁଠା ଖାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ମଦନଙ୍କ ମୃତ୍ୟୁ ପରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତାଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ ସହ ତାଙ୍କ ପୁଅ କିମ୍ବା ଝିଅଙ୍କୁ କେନ୍ଦୁପତ୍ର ଅଫିସ କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ କହିଛନ୍ତି। କିନ୍ତୁ ଦୀର୍ଘ ସମୟ ହୋଇଥିଲେ ସୁଦ୍ଧା ତାଙ୍କୁ ସହାୟତା ରାଶି କିମ୍ବା କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ଲଡୁଗାଁ କେନ୍ଦୁପତ୍ର ରେଞ୍ଜ ଜୟପାଟଣା ସେକ୍ସନ ଅଧୀନ ଘୁଟୁନାଗଫେଣି, ଏକଟାଗୁଡା, ସାନପୁଝାରିଗୁଡା ପାହାଡ଼ରେ ସ୍ୱର୍ଗତ ମଦନ ଦୀର୍ଘ ବର୍ଷ ଧରି କେନ୍ଦୁପତ୍ର ବନ୍ଦେଇ ଚେକର ଭାବେ କାମ କରୁଥିଲେ। ପରିବାର କହିଲେ ତାଙ୍କ ବୁଢ଼ୀ ମା' ଡାଲିମ୍ବ, ସ୍ତ୍ରୀ ବାଳ, ଝିଅ ତିଲୋତ୍ତମା, ବଡ଼ ପୁଅ ନୋବାସ ଓ ସାନ ପୁଅ ଜଗନ୍ନାଥ। କେନ୍ଦୁଲିଭରେ କାମ କରି ମାସକୁ ମିଳୁଥିବା ୧୨ ହଜାର ଟଙ୍କାରେ ସୁଖଦୁଃଖରେ ପରିବାର ଚଳି ଯାଉଥିଲା। ଝିଅ ତିଲୋତ୍ତମା ଓ ନୋବାସ ଯୁକ୍ତ ୨ ଓ ସାନ ପୁଅ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି। ୨୦୨୨ ଜୁନ ୨୧ ତାରିଖରେ ଦିନ କାମ କରି ଘରକୁ ଫେରିବା ସମୟରେ ଚାଚିଗୁଡାଗାଁର ଦାସପଡା ଲିଫ୍ଟ କେନାଲ ନିକଟରେ ଏକ ଅଜଣା ଗାଡି ଧକ୍କାରେ ମଦନ ଗୁରୁତର ହୋଇଥିଲେ। ତାଙ୍କୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସାଂଘାତିକ ହେବାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକ ବାରମ୍ବାର ଜୟପାଟଣା ରେଞ୍ଜ ଅଫିସ ଓ ଭବାନୀପାଟଣା ଡିଏଫଓ ଅଫିସ ଦୌଡ଼ି ନିରାଶ ହେଲେ ସୁଦ୍ଧା କିଛି ସୁଫଳ ମିଳି ନାହିଁ। କେବଳ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ମିଳୁଥିବା ମଦନଙ୍କ ସ୍ତ୍ରୀ ବାଳ ମାଝି କହିଛନ୍ତି। ଫଳରେ ୨ ପୁଅ ଓ ଝିଅର ପାଠପଢ଼ା ଅଧାରୁ ବନ୍ଦ ରହିଛି। ଅନ୍ୟପକ୍ଷରେ କେନ୍ଦୁଲିଭରେ ନିଯୁକ୍ତି ଦେବା ବିଭାଗ କର୍ମଚାରୀ ପାଇଁ ଲାଞ୍ଚ ମାଗୁଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ମଦନଙ୍କ ଝିଅ। ଏ ଦିଗରେ ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ପରିବରକୁ ନ୍ୟାୟ ପ୍ରଦାନ ପାଇଁ ସାଧାରଣରେ ଦାବି ଉଠିଛି। ଏ ନେଇ ଜୟପାଟଣା କେନ୍ଦୁପତ୍ର ରେଞ୍ଜରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ମୋର ସମୟର ଘଟଣା ନୁହେଁ। ତାଙ୍କ ପରିବାରର ବଡ଼ ପୁଅଙ୍କୁ କେନ୍ଦୁପତ୍ର ମୁନସି ଭାବେ କାର୍ଯ୍ୟ କରିବାକୁ କହୁଛି, କିନ୍ତୁ ସେ ମୋ ବାପାଙ୍କ କାମ ଦିଆଯାଉ ବୋଲି କହୁଛନ୍ତି ବୋଲି କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୪।୪:** ବରଗଡ଼-ସୋହେଲା ରାସ୍ତାର ପଥର୍ଲା ଛକ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ବାଇକ୍ ଏବଂ ପିକ୍ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବା ଯୋଗୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ଜଣକ ପଥର୍ଲା ଗ୍ରାମର ସ୍ୱସ୍ତିକ ସାହୁ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗାଇସିଲେଟ୍ ବ୍ଲକ ସାହାଜବାହାଲ ଗ୍ରାମର ନିରଞ୍ଜନ ସାହୁ ଏବଂ ଘନଶୀଳା ସାହୁ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବରଗଡ଼ ଡାକ୍ତରଖାନାକୁ ପଠାଇଥିବାବେଳେ ଆହତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଖଡ଼ିଆଳ,୧୪।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନାଠାରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡୁଆଝର ଗ୍ରାମର ପ୍ରେମାନନ୍ଦ ଜଗତ (୩୫) ଏବଂ ଆହତ ମାଣ୍ଡୋସିଲ ଗ୍ରାମର ଚିନ୍ତାମଣି ସାଗର। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ରାତ୍ରିରେ ପ୍ରେମାନନ୍ଦ ଓ ଚିନ୍ତାମଣି ଖଡ଼ିଆଳଠାରୁ ଡୁଆଝର ଗ୍ରାମକୁ ଯାଉଥିବା ବେଳେ ନେହେନା ଓ ପୁଟୁପଡା ମଝିରେ ଭାରସାମ୍ୟ ହରାଇ ମୋଟରସାଇକେଲରୁ ପଡି ଯାଇଥିଲେ। ଦୁର୍ଘଟଣା ପରେ ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ପ୍ରେମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଚିନ୍ତାମଣିଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତ ଅଧିକାରୀ ଏସଆଇ ଦୁର୍ଗା ପ୍ରଶାଦ ସାହୁ ପ୍ରକାଶ କରିଛନ୍ତି।

### ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

**ଖଡ଼ିଆଳ,୧୪।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ମୁଖ୍ୟବକ୍ତା ଭାବେ କେସିଙ୍ଗା କଲେଜ ଅଧକ୍ଷ ସୁଶାନ୍ତ ପାଢ଼ୀ ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧରେ ବିଶିଷ୍ଟ କଳାକାର ଜିତେନ୍ଦ୍ର ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ବାଗ, ମହମଦ ୟାସିନ, ତାରକା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ୍ୟା ସୁଦୀକ୍ଷିତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଲିଟିଲ ଷ୍ଟାର ବିଦ୍ୟାଳୟ ପ୍ରବେଶ ଦ୍ୱାର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିବା ସମୃତ ତାଣ୍ଡି, ଗଣେଶ ମୂର୍ତ୍ତି ପ୍ରତିଷ୍ଠା କରିଥିବା ବିଜୟ ନାଇଡୁ ଓ ବିଦ୍ୟାଳୟରେ ଚମତ୍କାର ମୂର୍ତ୍ତି ତିଆରି କରିଥିବା ଭାରତ ସୁନାନୀଙ୍କ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

### ହିନ୍ଦୁ ନବବର୍ଷ, ହନୁମାନ ଜୟନ୍ତୀ ପାଳିତ

**ନୂଆପଡ଼ା ଅଫିସ,୧୪।୪:** ନୂଆପଡା ଜିଲା ପୁରପଲ୍ଲିରେ ଶୁକ୍ରବାର ହିନ୍ଦୁ ନବବର୍ଷ, ପଣା ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଦର ମହକୁମାସ୍ଥିତ ହନୁମାନ ମନ୍ଦିରଠାରେ ମହାବିଷୁବ ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ପାଳିତ ହେଉଥିବା ବେଳେ ତରବୋଡ ପ୍ରଜେକ୍ଟ ସମ୍ମବ ନିକଟସ୍ଥ ହନୁମାନ ମନ୍ଦିର ଓ ବଞ୍ଜାରୀସ୍ଥିତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହେଉଛି। ବେଲ, ତରଭୁଜ, କଦଳି, ଦହି, ଗୁଡ ଆଦିକୁ ପଣା ବନାଇ ପ୍ରଭୁ ହନୁମାନଠାରେ ଭୋଗ ଲଗାଇ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଆକାରେ ଦିଆଯାଉଛି। ଜିଲା ଅଧିକାଂଶ ସ୍ଥାନରେ ବିଭିନ୍ନ ସୁସ୍ୱାଦୁ ଅନ୍ନ ଭୋଗ କରି ଲୋକଙ୍କୁ ଦିଆଯାଉଛି। ରାସ୍ତା କଡରେ ଦହି, ଲେମ୍ବୁ ପାଣି, ଲସି, ଆଇସକ୍ରିମ, ସରବତ କରି ପଥିକମାନଙ୍କୁ ଦେବା ସହ ଯାନବାହନରେ ଯାଉଥିବା ଲୋକଙ୍କୁ ମଧ୍ୟ ଏସବୁ ଦିଆଯାଉଛି। ଓଡିଆ ପରମ୍ପରା ଅନୁଯାୟୀ ଏହି ଦିନଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ।

# ଅଷ୍ଟ ହନୁମାନ ପୀଠରେ ସ୍ୱତନ୍ତ୍ର ପୂଜା

**ସୁବର୍ଣ୍ଣପୁରରେ ଓଡିଆ ନବବର୍ଷ**

**ସୋନପୁର,୧୪।୪(ନି.ପ୍ର.)**

ଓଡିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ଶୁକ୍ରବାର ପାଳିତ ହୋଇଯାଇଛି । ଲୋକେ ପରିବାରର ମଙ୍ଗଳ କାମନା କରି ବିଭିନ୍ନ ଦେବା ଦେବୀଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି । ସକାଳ ଠାରୁ ସୋନପୁର ସହରର ଅଷ୍ଟ ଚଣ୍ଡୀ– ସୁରେଶ୍ୱରୀ, ରାମଚଣ୍ଡୀ, ଭଗବତୀ, ଖମ୍ବେଶ୍ୱରୀ, ବିମଳାକ୍ଷୀ, ନାରାୟଣୀ, ସମଲେଶ୍ୱରୀ ଓ ଦଶମତୀ, ଅଷ୍ଟ ଶମ୍ଭୁ– ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ସିଦ୍ଧେଶ୍ୱର, ଲୋକନାଥ, ରୁଦ୍ରନାଥ ଓ ବାଲୁଙ୍କେଶ୍ୱରଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ । ଅଷ୍ଟ ବିଷ୍ଣୁ–ଗୋପାଳଜୀଉ, ଦେବାର୍ଚ୍ଚନ ଗୋପାଳଜୀଉ, ଜଗନ୍ନାଥ, ନୃସିଂହନାଥ, ଦଧିବାମନ, ରାମଜୀ, ଗୋପୀନାଥ ଓ ବୃନ୍ଦାବନ ବିହାରୀଙ୍କ ପୀଠରେ ମଧ ବିଶେଷ ପୂଜାର୍ଚ୍ଚନା ହୋଇଥିଲା । ସେହିପରି ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ ହନୁମାନ ଜୟନ୍ତୀ ଜିଲାର ବିଭିନ୍ନ ସ୍ଥାନରେ ଭକ୍ତିର ସହ ପାଳିତ ହୋଇଯାଇଛି । ଏଥିପାଇଁ ସୋନପୁର ସହରକୁ ଗେରୁଆ ପତାକାରେ ସଜା ଯାଇଥିଲା । ଅଷ୍ଟ ହନୁମାନଙ୍କ ପୀଠରେ ଶୁକ୍ରବାର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା । ସହରର ବଡ ହନୁମାନ, ଧାର ହନୁମାନ, ଝାର ହନୁମାନ, ଘର ହନୁମାନ, ପର ହନୁମାନ, ବାଟ ହନୁମାନ, ଗଡ ହନୁମାନ ଓ ଘାଟ ହନୁମାନ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ । ମନ୍ଦିରରେ ହନୁମାନ ଚାଳିଶା ପାଠ କରାଯିବା ସହ ପଣା ବିତରଣ କରାଯାଇଥିଲା । ହନୁମାନ ଜୟନ୍ତୀ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ସନ୍ଧ୍ୟାରେ ଏକ ଝଣ୍ଡା ଶୋଭାଯାତ୍ରା ଘୋଡାଘାଟପଡା ଛକସ୍ଥିତ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ବ୍ଲକ ଛକ, ପଟାଭାଡି ଛକ, ନଳିନୀ ଛକ, ବଡବଜାର, ଗୁଣ୍ଡିଚା ମନ୍ଦିର, ଟିକିରିପଡା ଓ ମଝିପଡା ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ଝଣ୍ଡା ଧାରଣକାରୀଙ୍କ ଜୟ ଶ୍ରୀରାମ ଧ୍ୱନୀରେ ସହର ପ୍ରକମ୍ପିତ ହୋଇ ଉଠିଥିଲା । ବଜରଙ୍ଗ ଦଳର ଜିଲା ସଂଯୋଜକ ଜିତୁ ବଡମାଳୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ସକୁନ କୁମାର ମିଶ୍ର, କାର୍ତ୍ତିକ ତରିଆ, ସ୍ୱରୂପ ପାତ୍ର, ଆଶିଷ ଷଡଙ୍ଗୀ, ପିଣ୍ଟୁ ପଣ୍ଡା, କାଉନସିଲର ଗଙ୍ଗାଧର ତରିଆ, ହିମାଂଶୁ ଗଡତିଆ, ସଞ୍ଜୟ ମହାପାତ୍ର, ସତ୍ୟ ନାରାୟଣ ଦରୱାନ, ସୁବାଷ ପଣ୍ଡା, ସିଟୁ ଦାଶ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।



ହନୁମାନ ଜୟନ୍ତୀ ଅବସରରେ ସହରରେ ଅନୁଷ୍ଠିତ ଝଣ୍ଡା ଶୋଭାଯାତ୍ରା ।

# ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ



ବୌଦ୍ଧରେ ବଜରଙ୍ଗ ଦଳର ବାଇକ୍ ରାଲି।

**ବୌଦ୍ଧ, ୧୪।୪ (ସ୍ୱ.ପ୍ର.)**

ବୌଦ୍ଧ ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଜିଲା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସକାଳେ ମହାନଦୀ ଗର୍ଭରେ ଥିବା ସିଦ୍ଧ ହନୁମାନ ମନ୍ଦିର ଚୁଡାରେ ଧ୍ୱଜା ବନ୍ଧନ କରାଯାଇଥିଲା। ତାପରେ ମାତଙ୍ଗେଶ୍ୱର ମନ୍ଦିର ଠାରୁ ଏକ ବିଶାଳ ବାଇକ ରାଲି ବାହାରି ୱାରଲେସ ଛକ, ବାଘଗୁଡା ଛକ, ଗାନ୍ଧୀ ଛକ, ମାର୍କେଟ ଦେଇ ମହାନଦୀ ବ୍ରିଜ ଛକ ଠାରେ ପହଞ୍ଚିଥିଲା । ପୁନଶ୍ଚ ମହାନଦୀ ବ୍ରିଜ ଛକଠାରୁ ବାହାରି ମେଡିକାଲ ଛକ, ବାଘଗୁଡା ଛକ, ରାଜନପାଲି, ପଲାସ, ବୁଟୁପାଲି ଦେଇ ପୁଣିଥରେ ମାତଙ୍ଗେଶ୍ୱର ମନ୍ଦିରରେ ପହଞ୍ଚି ଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ପ୍ରଚାର ପ୍ରସାର ପ୍ରମୁଖ ଦୁର୍ଯ୍ୟୋଧନ ବିଶି, ସହସମ୍ପାଦକ ବିରେନ୍ଦ୍ର ସାହୁ, ବଜରଙ୍ଗ ଦଳର ସଂଯୋଜକ ସମ୍ମିତ ପଟ୍ଟନାୟକ, ସହସଂଯୋଜକ ଚକିତ ଭଞ୍ଜ ପ୍ରମୁଖ ଉଭୟ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ରାଲିରେ ହନୁମାନଙ୍କ ଗୈରିକ ପତାକା ସହିତ ଗଦା, ଖଣ୍ଡା,ମୁଶଳ ପ୍ରଭୃତି ପ୍ରଦର୍ଶନ କରାଯାଇ ସହର ପରିକ୍ରମା କରାଯାଇଥିଲା । ଅପରାହ୍ନରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ବିଶ୍ୱଶାନ୍ତି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜକ ଭାବରେ ବବୁଲୁ ପାଢୀ, କର୍ତ୍ତା ଭାବରେ ପ୍ରଣୟ ପାତ୍ର ଦାୟିତ୍ୱ ତୁଲାଇଥିଲେ ।

# ମଦ ବିକ୍ରି ବନ୍ଦ କରା ନ ଗଲେ ଆନ୍ଦୋଳନ

**କେସିଙ୍ଗା,୧୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମରେ ବେନିୟମ ଭାବେ ମଦ ବିକ୍ରି ନେଇ ଜିଲା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ବନ୍ଦ କରା ନ ଗଲେ ଆନ୍ଦୋଳନ କରିବା ନେଇ ଗ୍ରାମବାସୀ ଚେତାବନୀ ଚେତାବନୀ ଦେଇଛନ୍ତି। କାଣ୍ଡେଲ ଗ୍ରାମରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଲୋକମାନେ ବସବାସ କରନ୍ତି। ଅଧିକାଂଶ ଆଦିବାସୀ, ହରିଜନ ଓ ସାଧାରଣ ବର୍ଗର ଲୋକମାନେ ରହନ୍ତି। ଦୈନିକ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଗ୍ରାମରେ ଥିବା ହନୁମାନ ଛକ, ଗାନ୍ଧୀ ଛକ ଓ ଗ୍ରାମପଞ୍ଚାୟତ ଛକ ନିକଟରେ ଦେଶୀ, ବିଦେଶୀ ମଦ ଚଢା ଦରରେ ବିକ୍ରି କରାଯାଉଛି। ଏହି ଗ୍ରାମରେ ହାଇସ୍କୁଲ, ପାର୍କ, ହସ୍ପିଟାଲ, ଅଙ୍ଗନୱାଡି କେନ୍ଦ୍ର ରହିଛି। ସ୍କୁଲ ଛାତ୍ରୀଛାତ୍ର, ଗ୍ରାମର ମହିଳା, ଯୁବତୀମାନେ ସନ୍ଧ୍ୟାରେ ନିକଟ ପୋଖରୀକୁ ଯିବା ସମୟରେ ମଦୁଆମାନେ ମଦ ପିଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ପିଟ କରୁଛନ୍ତି।

# ଆମ୍ବେଡ଼କର ଜୟନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

**ବୌଦ୍ଧ, ୧୪।୪ (ସ୍ୱ.ପ୍ର.)**

ଭାରତରତ୍ନ ବାବା ସାହେବ ଡ. ବି.ଆର ଆମ୍ବେଡ଼କରଙ୍କ ୧୩୨ତମ ଜୟନ୍ତୀ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମେ ମହାନଦୀର ଚନ୍ଦ୍ରଚୂଡ ଘାଟଠାରେ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ସୂର୍ଯ୍ୟାର୍ଘ୍ୟ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଯୋଗଦେଇଥିଲେ। ବୌଦ୍ଧ ବସଷ୍ଟାଣ୍ଡ ଓ ଏଲଆଇସି କଲୋନୀସ୍ଥିତ ଗାଈଗୋଠ ପଡିଆଠାରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ବୌଦ୍ଧଗଡ ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱଚ୍ଛସାଥୀ, ସୁପରଭାଇଜର,ଏନଏସିର କର୍ମଚାରୀମାନେ ସାମିଲ ହୋଇଥିଲେ। ପରେ ତହସିଲଛକସ୍ଥିତ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ବିରଞ୍ଚି ଧରୁଆ, ନିର୍ବାହୀ ଅଧିକାରୀ ବୌଦ୍ଧଗଡ ଏନଏସି ଇଂ. ମନୋରଞ୍ଜନ ପଣ୍ଡା, ଟିଆଓ ସୁମନରାଜା ମହାନ୍ତି, ସୌଦାଗର ବେହେରା, ରାଜେନ୍ଦ୍ର ନାରାୟଣ ସେନାପତି, ଏନଏସି ବୌଦ୍ଧଗଡ଼ର ସ୍ୱଚ୍ଛସାଥୀ, ସୁପରଭାଇଜର, ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହି ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ଚନ୍ଦ୍ରଚୂଡ ଘାଟଠାରେ ସାମୂହିକ ମହାନଦୀ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଉଛି।

# ଜିଲାପ୍ରଶାସନ ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ

**ବୌଦ୍ଧ, ୧୪।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି. ଆର. ଆମ୍ବେଡ଼କରଙ୍କ ୧୩୨ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ପୂର୍ବାହ୍ନରେ ସ୍ଥାନୀୟ ଜିଲା ପାଠାଗାରଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଠାଗାରଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ ଇଂ.ସଞ୍ଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ସହକାରୀ ଜିଲାପାଳ ବିରଞ୍ଚି କୁମାର ଧରୁଆ, ସାହିତ୍ୟିକ ରମେଶ ମେହେର, ଆଶୁକବି ତଥା ସରସରା ବାବା ବୈଦ୍ୟନାଥ ମଡେଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଯୋଗଦେଇ ଡ.ଆମ୍ବେଡ଼କରଙ୍କ ଜୀବନାଦର୍ଶ, ସଂଘର୍ଷମୟ ଓ ଗାରିମାମୟ ଜୀବନୀ ତଥା ଡ. ବି.ଆର ଆମ୍ବେଡ଼କରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୟନ୍ତୀ ସମାରୋହ ପାଳନ ଉପଲକ୍ଷେ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ, ଇଂରାଜୀ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ସ୍ନାତକ ବିଭାଗ ଯୁକ୍ତତିନି ଛାତ୍ରୀ ବର୍ଷାବିନ୍ଦୁ ମହାକୁଡ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପାଠକ ପାଠିକାମାନଙ୍କ ମଧ୍ୟରେ ଇଂରାଜୀ ବକ୍ତୃତାରେ ତୃପ୍ତିମୟୀ ଭଞ୍ଜ ପ୍ରଥମ, ପ୍ରିୟାସ ପ୍ରିତି ପାଣିଗ୍ରାହୀ ଦ୍ୱିତୀୟ ଓ ପୂଜାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁକ୍ତତିନି ଛାତ୍ରୀ ଶ୍ରୀୟାରାଣୀ ମିଶ୍ର ପ୍ରଥମ, ଶ୍ରଦ୍ଧାଞ୍ଜଳୀ ସାହୁ ଦ୍ୱିତୀୟ ଓ ଶିବାନୀ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପାଠକ ପାଠିକାଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତାରେ ସୁଚରିତା ସେନାପତି ପ୍ରଥମ,ସୁଶୀଳ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଜିଲାସ୍ତରୀୟ ବାବା ସାହେବ ଡ. ବି.ଆର ଆମ୍ବେଡ଼କର ଜୟନ୍ତୀ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ପରିଚାଳନା କରିଥିବାବେଳେ ସହକାରୀ ଜିଲାପାଳ ବିରଞ୍ଚି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କନ୍ଧମାଳ, ୧୪।୪ (ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ପଲଶାଗୋରା ପଞ୍ଚାୟତ ରୁଗୁଡିପାଲି ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ ରୁଗୁଡିପାଲି ଗ୍ରାମର ମେମ୍ବର ରଣାଙ୍କ ପୁଅ ସିକେଶ ରଣା (୨୨)ଙ୍କ ମୃତଦେହ ଗାଁ ବନ୍ଧ ନିକଟସ୍ଥ ଏକ ଗଛରେ ବେକରେ ଗାମୁଛା ଲଗାଇ ଝୁଲନ୍ତା ଅବସ୍ଥାରେ ଥିବା ଶୁକ୍ରବାର ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକ ମନମୁଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିବାବେଳେ ସିକେଶ ପରିବାରର ଏକ ମାତ୍ର ପୁଅ ଥିବା ଜଣାପଡ଼ିଛି।

# ବୀଣାଭାରତୀ ମଡର୍ନ ସ୍କୁଲର ବାର୍ଷିକ ଉତ୍ସବ

**ବାଉଁଶୁଣୀ, ୧୪।୪(ଡି.ଏନ୍.ଏ.)**

ବୌଦ୍ଧ ଜିଲା ଅଁଳାପାଲି ପଞ୍ଚାୟତ ଦନ୍ତାପାଲିସ୍ଥିତ ବୀଣାଭାରତୀ ମଡର୍ଣ୍ଣ ସ୍କୁଲର ୭ମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ନିର୍ବାଚନମଣ୍ଡଳୀର ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ମହିଧର ରଣା ଯୋଗେ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଅଁଳାପାଲି ସରପଞ୍ଚ ଅଜିତ ମେହେର, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ଗୋଛାପଡା ସମିତିସଭ୍ୟ ଶ୍ରଦ୍ଧାଞ୍ଜଳି ବାରିକ, ମୁଖ୍ୟବକ୍ତା ଭାବରେ ବୌଦ୍ଧ ପଞ୍ଚାୟତ କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଡ. ପ୍ରବୀର କୁମାର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀ ଛାତ୍ରଙ୍କୁ ଭବିଷ୍ୟତରେ କିପରି ଉତ୍ତମ ମଣିଷ ହୋଇ ଗଢି ଉଠିବେ ତାହା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଉପାଧକ୍ଷ ତ୍ରିପୁରାରୀ ପ୍ରଧାନ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବୀଣାଭାରତୀ ମଡର୍ନ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ପରିବେଷିତ ହେଲା ନାଟକ ନରାନ୍ତକ ବଧ

- ବୌଦ୍ଧ ରାମଲୀଳା ଯାତ୍ରାର ଷୋହଳତମ ଦିବସ
- ରାବଣ ବଧ ପାଇଁ ପ୍ରସ୍ତୁତି ଜୋରଦାର

**ବୌଦ୍ଧ, ୧୪।୪ (ସ୍ୱ.ପ୍ର)**

ବୌଦ୍ଧଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶୁକ୍ରବାର ଥିଲା ଷୋହଳତମ ଦିବସ । ଷୋହଳତମ ଦିବସରେ ପରିବେଷିତ ହୋଇଛି ନାଟକ ନରାନ୍ତକ ବଧ। ମହାମାୟାବୀ ମହୀରାବଣ ବଧ ପରେ ରାବଣ ଚିନ୍ତିତ ହୋଇପଡିଛି। ତଥାପି ଲଙ୍କାଗଡ ବୀରଶୂନ୍ୟ ହୋଇନାହିଁ। ମହୀରାବଣ ବଧ ପରେ ରାବଣକୁ ଚେତାଇ ଦେଇଛି ମାତା ନୈକେଶୀ। ଏବେବି ବଞ୍ଚିଛି ପୁତ୍ର ନରାନ୍ତକ । ଯେଉଁ ପୁଅମାନଙ୍କୁ ରାବଣ ସମୁଦ୍ରକୁ ପିଙ୍ଗି ଦେଇଥିଲା, ସେହି ପୁତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛି ନରାନ୍ତକ । ସେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରି ହୋଇଛି ମହାପ୍ରତାପୀ। ନରାନ୍ତକ ଭଳି ବୀର ସାରା ଜଗତରେ ନାହିଁ । ପିତା ରାବଣର ଡାକ ଶୁଣି ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇଛି ନରାନ୍ତକ। ଶେଷରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ବଧ ହୋଇଛି ଅତ୍ୟାଚାରୀ ନରାନ୍ତକ। ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ସୁଗ୍ରୀବ ଦିବାକର ଜେନା, ହନୁମାନ ସଞ୍ଜୟ ପୁରୋହିତ, ନରାନ୍ତକ ଲୁଲୁ ପଣ୍ଡା, ଦଧିବଳ ଶାନ୍ତନୁ ବେହେରା, ବିଦ୍ୟୁମତି ବାବୁଲି ବେହେରା, ମନ୍ଦୋଦରୀ ଜଗଦୀଶ ବାରିକ ଓ ରାବଣ ଭୂମିକାରେ ଡିଙ୍ଗର ପ୍ରଧାନ ନିଖୁଣ ଭାବରେ ଅଭିନୟ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବାବେଳେ ଭବାନୀଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନରାନ୍ତକ ବଧ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିରହିଥିଲା। ଶନିବାର ଶ୍ରୀରାମଲୀଳା ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ନାଟକ ରାବଣ ବଧ। ସେଥିପାଇଁ ନାଟ୍ୟସଂସଦ ପକ୍ଷରୁ ପ୍ରସ୍ତୁତି ଜୋରଦାର କରିଛି। ରାବଣବଧ ନାଟକ ପାଇଁ ସହରର ବିଭିନ୍ନ ଛକମାନଙ୍କରେ ରାମ ରାବଣ ସମର ଅନୁଷ୍ଠିତ ହେବ। ଷ୍ଟାଡିୟମ ପଡିଆଠାରେ ଉଭୟ ସେନା ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ସହିତ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ରାମଲୀଳା ଯାତ୍ରା ସହିତ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଖେଳପଡିଆଠାରେ ଆରମ୍ଭ ହୋଇଛି ବାଣିଜ୍ୟ ମେଳା ଓ ମୀନାବଜାର। ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ସାମିଲ ହେବାର ସମ୍ଭାବନା ଥିବାରୁ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ଅପରାହ୍ନରୁ ବୌଦ୍ଧ ସହର ମଧ୍ୟକୁ କୌଣସି ଭାରିଯାନ ପ୍ରବେଶ କରିବାରେ ବାରଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଲୋକଙ୍କ ପାଇଁ ପାନୀୟଜଳ, ମେଡିକାଲ ସୁବିଧା ଆଦି ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ସେହିପରି ଶ୍ରୀରାମ ରାବଣଙ୍କ ସମର ଶୋଭାଯାତ୍ରା ସମ୍ପୂର୍ଣ୍ଣ ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ବିଭିନ୍ନ ଛକରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ବ୍ୟବସ୍ଥା କରାଯାଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ବୌଦ୍ଧରେ ରାମଲୀଳା ନାଟକର ଦୃଶ୍ୟ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୪।୪:** ବରଗଡ଼-ସୋହେଲା ରାସ୍ତାର ପଥର୍ଲା ଛକ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ବାଇକ୍ ଏବଂ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବା ଯୋଗୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ଜଣକ ପଥର୍ଲା ଗ୍ରାମର ସ୍ୱସ୍ତିକ ସାହୁ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗାଇସିଲେଟ୍ ବ୍ଲକ ସାହାଜବାହାଲ ଗ୍ରାମର ନିରଞ୍ଜନ ସାହୁ ଏବଂ ଘନଶୀଳା ସାହୁ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବରଗଡ଼ ଡାକ୍ତରଖାନାକୁ ପଠାଇଥିବାବେଳେ ଆହତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଖଡ଼ିଆଳ,୧୪।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନାଠାରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡୁଆଝର ଗ୍ରାମର ପ୍ରେମାନନ୍ଦ ଜଗତ (୩୫) ଏବଂ ଆହତ ମାଣ୍ଡୋସିଲ ଗ୍ରାମର ଚିନ୍ତାମଣି ସାଗର। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ରାତ୍ରିରେ ପ୍ରେମାନନ୍ଦ ଓ ଚିନ୍ତାମଣି ଖଡ଼ିଆଳଠାରୁ ଡୁଆଝର ଗ୍ରାମକୁ ଯାଉଥିବା ବେଳେ ନେହେନା ଓ ପୁଟୁପଡା ମଝିରେ ଭାରସାମ୍ୟ ହରାଇ ମୋଟରସାଇକେଲରୁ ପଡି ଯାଇଥିଲେ। ଦୁର୍ଘଟଣା ପରେ ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ପ୍ରେମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଚିନ୍ତାମଣିଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତ ଅଧିକାରୀ ଏସଆସି ଦୁର୍ଗା ପ୍ରଶାଦ ସାହୁ ପ୍ରକାଶ କରିଛନ୍ତି।

### ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

**ଖଡ଼ିଆଳ,୧୪।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ମୁଖ୍ୟବକ୍ତା ଭାବେ କେସିଙ୍ଗା କଲେଜ ଅଧକ୍ଷ ସୁଶାନ୍ତ ପାଢ଼ୀ ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କଳାକାର ଜିତେନ୍ଦ୍ର ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ବାଗ, ମହମଦ ୟାସିନ, ତାରକା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ୍ୟା ସୁଦୀକ୍ଷିତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଲିଟିଲ ଷ୍ଟାର ବିଦ୍ୟାଳୟ ପ୍ରବେଶ ଦ୍ୱାରା ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିବା ସମୃତ ତାଣ୍ଡି, ଗଣେଶ ମୂର୍ତ୍ତି ପ୍ରତିଷ୍ଠା କରିଥିବା ବିଜୟ ନାଇଡୁ ଓ ବିଦ୍ୟାଳୟରେ ଚମତ୍କାର ମୂର୍ତ୍ତି ତିଆରି କରିଥିବା ଭାରତ ସୁନାନୀଙ୍କ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା

## ଦେବଗଡ଼ର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ

**ଦେବଗଡ଼, ୧୪।୪(ଡି.ଏନ୍.ଏ.)**

ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ହନୁମାନ ଜୟନ୍ତୀ ବେଶ ଧୂମଧାମରେ ପାଳିତ ହୋଇଥିବାବେଳେ ଆଖଡ଼ା ପ୍ରଦର୍ଶନ ବେଶ ଆକର୍ଷଣୀୟ ହୋଇଥିଲା । ତେବେ ସହରର ବଜରଙ୍ଗ ମଣ୍ଡପ କମିଟି ପକ୍ଷରୁ ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ସକାଳେ ହନୁମାନଙ୍କ ପୂଜାର୍ଚ୍ଚନା କରାଯିବା ସହ ୧୦୮ହନୁମାନ ଚାଳିଶା ପାଠ କରାଯାଇଥିଲା । ଏହା ପରେ ବିରାଟ ଧ୍ୱଜା ସ୍ଥାପନା କରାଯାଇଥିଲା । ଏହି ପୂଜାର୍ଚ୍ଚନା ସହ ହୋମ ପରେ ମନ୍ଦିର ପ୍ରାଙ୍ଗଣରୁ ବଜରଙ୍ଗ ମଣ୍ଡପ କମିଟି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ବିଭିନ୍ନ ଛକସ୍ଥାନରେ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ଯୁବକମାନେ ବାଡ଼ି ଓ ଆଖଡ଼ା ପ୍ରଦର୍ଶନ କରିଥିଲେ। ସହରର ବିଭିନ୍ନ ସାହିରେ ଆକର୍ଷଣୀୟ ଝୋଟି ଓ କଳସ ସ୍ଥାପନ କରି ଏହି ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା । ଏହି ଶୋଭାଯାତ୍ରା ମଠସାହି ବଣିଆଁସାହି,ଆମେ କ୍ଲବ ଛକ ଶାସନସାହି,ବରପାଲି ସାହି, ଗୁରୁ ସାହି, କାରଗିଲ ଛକ, କଚେରୀ ଛକ, ମାର୍କେଟ ଛକ ତଥା ବିଭିନ୍ନ ଜନଗହଳିପୂର୍ଣ୍ଣ ଛକଗୁଡ଼ିକରେ ଆଖଡ଼ା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଉଦ୍ଦୀପ୍ତ ନାୟକ, ଦିଲୀପ ବେହେରା, କାଳିଆ ମାଝୀ, ଭୋଳା ବେହେରା, କ୍ଷୀରୋଦ ସାହୁ, ସୁଧୀର ଦାସ, ପ୍ରଭାସ ମିଶ୍ର, ବିଶ୍ୱଜିତ ସାହୁ, କିଶୋର ବେହେରା ସାମିଲ ଥିଲେ । ସେହିପରି ଆମେ କ୍ଲବ ପକ୍ଷରୁ ଧର୍ମେନ୍ଦ୍ର ଦେବତା, ଶରତ ମେହେର୍, ଅନନ୍ତ ମେହର, ରୂପକ ମାଝୀ, ମୁନା ସାହୁ, ଉମେଶ ନାୟକ, ବୁଟୁଲି ଯାଦବ, ଅରୁଣ ଟାଲି, ପରେଶ ସାହୁ, ରିଙ୍କୁ ଖଡିରତ୍ନ, କାଳିଆ ରାଉତରାୟ, ସେହିପରି ଓଲଟ ବରଗଛ କମିଟି ପକ୍ଷରୁ ପଞ୍ଚମୁଖୀ ହନୁମାନ ମନ୍ଦିରରେ ମଧ ପୂଜାର୍ଚ୍ଚନା ସହ ୧୦୮ହନୁମାନ ଚାଳିସା ପାଠ କରିବା ସହ ବିଭିନ୍ନ ପଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟାରେ ୨ ଦିନ ଧରି ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କମିଟି ପକ୍ଷରୁ ମଧ ଏକ ବାଇକ୍ ରାଲି କରାଯାଇ ନଗର ପରିକ୍ରମା କରାଯାଇଥିଲା । କାର୍ଯ୍ୟକ୍ରମରେ କମିଟିର ସଭାପତି ଅତୁଲ୍ୟ ପୂଜାରୀ, ଉପସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ଅନନ୍ତନାରାୟଣ ଦାଶ, ପ୍ରକଳ୍ପ ମୁଖ୍ୟ ଅଶୋକ ଆଚାର୍ଯ୍ୟ, ଆବାହକ ପବିତ୍ର ପୂଜାରୀଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସେହିପରି ଗୋପିକିସର ଆସୋସିଏସନ ତରଫରୁ ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା । ହନୁମାନଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ହସ୍ପିଟାଲରେ ଆସୋସିଏସନ ତରଫରୁ ଫଳ ବଣ୍ଟନ କରାଯାଇଥିଲା ।



ଦେବଗଡ଼ରେ ହନୁମାନ ଜୟନ୍ତୀ ପାଳନ ମୂହୂର୍ତ୍ତ।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ଭବାନୀପାଟଣା,୧୪।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କୁଟୁରୁଖମାର ଛକ ନିକଟରେ ଶୁକ୍ରବାର ସକାଳେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ଅଖିଳ ମାଝି ବୋଲି ଜଣାପଡିଛି। ସକାଳୁ ଚାଷ ଜମିକୁ ପାଣି ମଡ଼ାଇବା ପାଇଁ ଅଖିଳ ଯାଉଥିବା ବେଳେ ଗାଁଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଖିଳଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଓ ଗ୍ରାମବାସୀ ସେଠାରେ ପହଞ୍ଚି କ୍ଷତିପୂରଣ ଦାବିରେ ସକାଳ ୬ଟାରୁ ମୃତଦେହ ରଖି ସ୍ଥାନୀୟ ଭବାନୀପାଟଣା–ଜୁନାଗଡ଼ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ଆଇଆଇସି ଓ ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଓ ରେଡ଼କ୍ରସରେ ୧୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସକାଳ ୯ଟାରେ ରାସ୍ତାରୋକୋ ହଟିଥିଲା।

# ବନାନୀ ସାହିତ୍ୟ ସଂସଦ ତରଫରୁ କବିତା ପାଠ




ବନାନୀ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଲହୁଣୀପଡ଼ା,୧୪।୪(ଡି.ଏନ.ଏ.)**

ବନାନୀ ସାହିତ୍ୟ ସଂସଦ ଲହୁଣୀପଡା ତରଫରୁ ଶୁକ୍ରବାର ଗୋପନା ଶିଶୁ ସଂସ୍କାର ମନ୍ଦିର ଠାରେ ବିଷୁବସଂକ୍ରାନ୍ତି ପାଳନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡା ଅତିରିକ୍ତ ଶିକ୍ଷା ଅଧିକାରୀ ନରହରି କିଷାନ, ସମ୍ମାନିତ ଅତିଥି ଭାବେ ଜୟଦେବ ମାହାନ୍ତ, ଦିନବନ୍ଧୁ ମାହାନ୍ତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯଦୁପତି ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନୀ ଯୋଗ ଦେଇଥିଲେ। ହରିହର ମାହାନ୍ତଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିବା ବେଳେ ସଂସଦ ସମ୍ପାଦକ କୁମାର ଗୌତମ ବାରିକ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦୁବରାଜ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ବସୁନ୍ଧରା ଠେକିକୁ ମଧ ଉଦ୍‌ଘାଟନ କରିଥିଲେ। ସାମୂହିକ ବିଭିନ୍ନ ପ୍ରକାର ପଣାସେବନ କରାଯାଇଥିଲା। ବିଷୁବସଂକ୍ରାନ୍ତି ପାଳନ ସହିତ ଓଡ଼ିଶାର କଳା ସାହିତ୍ୟ ସଂସ୍କୃତି ପରମ୍ପରା ଓତଃପ୍ରୋତ ଭାବେ ଜଡ଼ିତ ଥିବାବେଳେ ଏହା ଆଗାମୀ ଦିନରେ କେମିତି ବଞ୍ଚି ରହିବ ସେ ସମ୍ପର୍କରେ ଅତିଥି ପୌରାଣିକ, ବୈଜ୍ଞାନିକମାନଙ୍କ ଉଦାହରଣ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ କୁମାର ମହାକୁଳଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଦେବାନନ୍ଦ ମାହାନ୍ତ, ଦୈତାରୀ ନାୟକ, ଘାସିରାମ ମାହାନ୍ତ, ପୁଷ୍ପିକ ମାହାନ୍ତ, ଗୋପିନାଥ ମହାକୁଳ, ହରପ୍ରିୟା ମାହାନ୍ତ, ସନ୍ଧ୍ୟାରାଣୀ ମାହାନ୍ତ, ସଞ୍ଜିତା ମାହାନ୍ତ, ରାଧି କିସାନ ପ୍ରମୁଖ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

## ମଦ ବିକ୍ରି ବନ୍ଦ କରା ନ ଗଲେ ଆନ୍ଦୋଳନ

**କେସିଙ୍ଗା,୧୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମରେ ବେନିୟମ ଭାବେ ମଦ ବିକ୍ରି ନେଇ ଜିଲା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ବନ୍ଦ କରା ନ ଗଲେ ଆନ୍ଦୋଳନ କରିବା ନେଇ ଗ୍ରାମବାସୀ ଚେତାବନୀ ଚେତାବନୀ ଦେଇଛନ୍ତି। କାଣ୍ଡେଲ ଗ୍ରାମରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ବସବାସ କରନ୍ତି। ଅଧିକାଂଶ ଆଦିବାସୀ, ହରିଜନ ଓ ସାଧାରଣ ବର୍ଗର ଲୋକମାନେ ରହନ୍ତି। ଦୈନିକ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଗ୍ରାମରେ ଥିବା ହନୁମାନ ଛକ, ଗାନ୍ଧୀ ଛକ ଓ ଗ୍ରାମପଞ୍ଚାୟତ ଛକ ନିକଟରେ ଦେଶୀ, ବିଦେଶୀ ମଦ ଚଢ଼ା ଦରରେ ବିକ୍ରି କରାଯାଉଛି। ଏହି ଗ୍ରାମରେ ହାଇସ୍କୁଲ, ପାର୍କ, ହସ୍ପିଟାଲ, ଅଙ୍ଗନୱାଡି କେନ୍ଦ୍ର ରହିଛି। ସ୍କୁଲ ଛାତ୍ରୀଛାତ୍ର, ଗ୍ରାମର ମହିଳା, ଯୁବତୀମାନେ ସନ୍ଧ୍ୟାରେ ନିକଟ ପୋଖରୀକୁ ଯିବା ସମୟରେ ମଦୁଆମାନେ ମଦ ପିଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ପିଟ କରୁଛନ୍ତି। ବେନିୟମ ଭାବେ ମଦ ବିକ୍ରେତାଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିବା ସହ ଯଦିଓ ମଦ ବିକ୍ରି ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଅବକାରୀ ବିଭାଗର ଇନ୍ସପେକ୍ଟର ବିଶ୍ୱଜିତ ଆରୁକଙ୍କୁ ପଚାରିବାରୁ ଲିଖିତ ଅଭିଯୋଗ ହସ୍ତଗତ ହୋଇନାହିଁ, ନିଶ୍ଚିତ ଭାବେ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।

### ହିନ୍ଦୁ ନବବର୍ଷ, ହନୁମାନ ଜୟନ୍ତୀ ପାଳିତ

**ନୂଆପଡ଼ା ଅଫିସ,୧୪।୪**

ନୂଆପଡା ଜିଲା ପୁରପଲ୍ଲିରେ ଶୁକ୍ରବାର ହିନ୍ଦୁ ନବବର୍ଷ, ପଣା ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଦର ମହକୁମାସ୍ଥିତ ହନୁମାନ ମନ୍ଦିରଠାରେ ମହାବିଷୁବ ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ପାଳିତ ହୋଇଛି।

# ସୁନ୍ଦରଗଡ଼ରେ ଆମ୍ବେଡ୍‌କରଙ୍କ ଜୟନ୍ତୀ

**ସୁନ୍ଦରଗଡ଼,୧୪।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ଜିଲାସ୍ତରୀୟ ଡ. ବି. ଆର୍. ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ ଭାରତୀୟ ସମ୍ବିଧାନ ପ୍ରତି ଡ. ଆମ୍ବେଡ଼କରଙ୍କ ଅବଦାନ ଉପରେ ନିଜର ଅଭିଭାଷଣ ରଖିଥିଲେ। ଅତିରିକ୍ତ ଜିଲାପାଳ (ରାଜସ) ଅଭିମନ୍ୟୁ ବେହେରା ଡ. ଆମ୍ବେଡ଼କରଙ୍କ ସ୍ମୃତିଚାରଣ କରିବା ସହିତ ସେହି ମହାନ ଆତ୍ମାଙ୍କର ଜୀବନାଦର୍ଶନରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସଦର ଉପଜିଲାପାଳ ଦାଶରଥି ସରାବୁ ଡ. ଆମ୍ବେଡ଼କର ଶିକ୍ଷାକୁ ଆୟୁଧ କରି କିଭଳି ଭାବେ ସମାଜରୁ ଛୁଆଁଅଛୁଆଁ ଭେଦଭାବ ଦୂରୀକରଣ ନିମନ୍ତେ ବଦ୍ଧପରିକର ଥିଲେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସୁସ୍ମିତା ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ଆମ୍ବେଡ଼କରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସମ୍ବିଧାନ ପ୍ରଣୟନ, ସମାଜରୁ କୁସଂସ୍କାର ତଥା ଅସ୍ପୃଶ୍ୟତା ଦୂରୀକରଣ ସହ ଏକ ସୁସ୍ଥ ସମାଜ ଗଠନ କରିବାରେ ତାଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଭୂଷଣ ଶାସନୀ, ରାମେଶ୍ୱର ଟପ୍ପୋ, ସିଲବେଷ୍ଟର ଡିର୍କୀ, ଗୋପକୃଷ୍ଣ ନାୟକ, ବିବିଧ ବିଶ୍ୱ, ଏକଲବ୍ୟ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଡ.ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଅତିଥିମାନେ ତାଙ୍କ ସ୍ମୃତିଚାରଣ କରିଥିଲେ।



ସୁନ୍ଦରଗଡ଼ରେ ଆମ୍ବେଡ଼କରଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି।

# ଆମ୍ବେଡ୍‌କରଙ୍କ ଅବଦାନ ସଦା ସ୍ମରଣୀୟ

**ରାଉରକେଲା ଅଫିସ,୧୪।୪**

ଭାରତରତ୍ନ ଡ. ଭୀମରାଓ ଆମ୍ବେଡ୍‌କର ଜାତି, ଧର୍ମ ନିର୍ବିଶେଷରେ ସମଗ୍ର ଦେଶବାସୀଙ୍କୁ ଏକତାଶୁକ୍ରବାର ରାଉରକେ ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଆମ୍ବେଡ଼କର ସ୍ମୃତି କମିଟି ତରଫରୁ ଉଦିତ ନଗର ସ୍ଥିତ ଆମ୍ବେଡ଼କର ଛକରେ ଆୟୋଜିତ ଆମ୍ବେଡ଼କର ଜୟନ୍ତୀ ସଭାରେ ବିଧାୟକ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ଏସ୍.ଏଫ୍ ଏକ୍କା, ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୀମା ଫାତିମା ଏକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି କମିଟି ସମ୍ପାଦକ ହଳଧର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ମହେନ୍ଦ୍ର କଲେତ, ପରୀକ୍ଷିତ ସାଗର, ପ୍ରକାଶ ସାଗର ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତିର ଯୁବ ସଙ୍ଗଠକମାନଙ୍କ ଦ୍ୱାରା ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା।



ଉଦିତନଗର ଛକ ସ୍ଥିତ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଉଛି।

# ଜିଲାସ୍ତରୀୟ ଆମ୍ବେଡ୍‌କର ଜୟନ୍ତୀ

**ଦେବଗଡ଼,୧୪।୪(ଡି.ଏନ.ଏ)**

ଦେବଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାର ଠାରେ ମହାନ ଜନନାୟକ ତଥା ସମ୍ବିଧାନ ପ୍ରଣେତା ଡା. ଭୀମରାଓ ଆମ୍ବେଡ଼କରଙ୍କ ୧୩୨ତମ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ପୌର ଉପାଧ୍ୟକ୍ଷ ପ୍ରଦୀପ କୁମାର ଭୋଜ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ଗୁରୁ ମଞ୍ଚାସୀନ ରହି ସମ୍ବିଧାନ ପ୍ରଣେତା ଡା. ବି. ଆର ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ହେମନ୍ତ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥୀ ଓ ନିରଞ୍ଜନ ଦ୍ୱିବେଦୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକ, ଡିଲେଶ୍ୱର ପ୍ରଧାନ, ଅଧ୍ୟାପକ ଡକ୍ଟର ଭାରତ ଭୂଷଣ ନନ୍ଦ ଓ ଜିଲା ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ ।

# କୁଆଁରମୁଣ୍ଡାର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ

**କୁଆଁରମୁଣ୍ଡା,୧୪।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଥଚାରିମାନଙ୍କୁ ପଣାବଣ୍ଟନ କରାଯାଇଛି। କଚାରୁ ପଞ୍ଚାୟତରେ ଓଡ଼ିଆ ନବବର୍ଷ ପାଳନ ପିଇଓ ଦେବବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଝୁବା ଟପ୍ପୋ, ଠୁରକା ସିଂ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି କୁଆଁରମୁଣ୍ଡା ଚେକ ଗେଟରେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା ପ୍ରମୁଖ ଉପସ୍ଥିତ ରହି ପଥଚାରୀମାନଙ୍କୁ ପଣା ବାଣ୍ଟିବା ସହ ଓଡ଼ିଆ ନବବର୍ଷ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୁଆଁରମୁଣ୍ଡା ବ୍ଲକ ରୋଡ ଛକରେ କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ନନା ସମାଜ ପକ୍ଷରୁ ପଣାବଣ୍ଟନ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଉଦ୍‌ଘାଟନ କରିବା ପରେ ଶତାଧିକ ଲୋକଙ୍କୁ ସରବତ ବଣ୍ଟନ କରାଯାଇଥିଲା।



କୁଆଁରମୁଣ୍ଡା ଚେକ ଗେଟ ଛକରେ ପଥଚାରୀମାନଙ୍କୁ ସରବତ ବଣ୍ଟନ କରାଯାଉଛି।

# ଅରଣ୍ୟା ପକ୍ଷରୁ ବିଷୁବ ମିଳନ

## ଅନ୍ତର୍ଦୃଷ୍ଟିରୁ ସୃଷ୍ଟ ସାହିତ୍ୟ କାଳଜୟୀ

**ସୁନ୍ଦରଗଡ଼,୧୪।୪(ଡି.ଏନ.ଏ.)**

ସାହିତ୍ୟ ଅନୁଷ୍ଠାନ ଅରଣ୍ୟା ପକ୍ଷରୁ ବିଷୁବ ମିଳନ–୨୦୨୩ ଶୁକ୍ରବାର ସନ୍ଧ୍ୟାରେ ସୁନ୍ଦରଗଡ଼ ସହରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୀରମିତ୍ର କ୍ଲବ ପରିସରରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ରାଜୀବ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ବିଷୁବ ସଂକ୍ରାନ୍ତୀର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଅନ୍ତରଦୃଷ୍ଟିରୁ ସୃଷ୍ଟ ସାହିତ୍ୟ କାଳଜୟୀ ହୋଇଥାଏ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ.କୁଳମଣି ବେହେରା ଯୋଗଦେଇ ସାରସ୍ୱତ ସ୍ରଷ୍ଟାଙ୍କ ଏକ କାଳଜୟୀ ସୃଷ୍ଟି ତାଙ୍କୁ ପରିଚୟ ପ୍ରଦାନ କରିଥାଏ। ଏଥିପ୍ରତି ପାଠକୀୟ ସଂଖ୍ୟା ହ୍ରାସ ପାଉଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରି ଏଦିଗରେ ଯୁବପୀଢୀ ସାହିତ୍ୟ ସାଧନା ଓ ସାହିତ୍ୟକୁ ଭଲପାଇଲେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡସେନା ସମାରୋହରେ ସଭାପତିତ୍ୱ କରି ଏହି ଅନୁଷ୍ଠାନ ଦ୍ୱାରା ଦୀର୍ଘ ୫୦ ବର୍ଷ ଧରି ସାରସ୍ୱତ ଆସର ଆୟୋଜନ କରି ଓଡ଼ିଆ, ଭାଷା ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ସଫଳ ଭୂମିକା ନିର୍ବାହ କରିଥିବା କହିଥିଲେ। ସମ୍ମାନିତ ବକ୍ତା ଭାବରେ ଅଧ୍ୟାପିକା ମିନତୀ ମିଶ୍ର ଯୋଗ ଦେଇ ବିଷୁବ ସଂକ୍ରାନ୍ତୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅରଣ୍ୟା ଅନୁଷ୍ଠାନ ସମ୍ପାଦକ ଗାଳ୍ପିକ ରାଜକିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଏକ ମନୋଜ୍ଞ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ପ୍ରଣତୀ ବେହେରା, ଅଧ୍ୟାପକ ନୂତନ ଖମାରୀ, କବି ଦୁର୍ଗା ମାଧବ ପଣ୍ଡା ଓ ଚିରବ୍ରତ ଦତ୍ତ କବିତାଗୁଡିକ ସଂଯୋଜନା କରିଥିଲେ। ଏଥିରେ ସୁନ୍ଦରଗଡ଼ ଓ ରାଉରକେଲାର ବହୁ କବି କବୟିତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ। ଏହି ଅବସରରେ କବି ତଥା ସାହିତ୍ୟିକ ରାଜୀବ ପାଣିଙ୍କୁ ତାଙ୍କର ସାହିତ୍ୟ ସାଧନା ପାଇଁ ଅରଣ୍ୟା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ସୁସ୍ମିତା ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।



ରାଉରକେଲାର ସାହିତ୍ୟିକ ରାଜୀବ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ଟ୍ରାନ୍ସଫର୍ମରରେ ଲାଗିଲା ନିଆଁ

**ଲୋଇସିଂହା,୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଛକ ସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମରରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ଓଭର ଲୋଡ କିମ୍ବା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ନିଆଁ ଲାଗି ଥାଇପାରେ ବୋଲି ଲୋକେ ଆଶଙ୍କା କରିଛନ୍ତି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ବୁର୍ଡା ଛକର ବୁଢୀପଦର ରାସ୍ତାରେ ଉକ୍ତ ଟ୍ରାନ୍ସଫର୍ମର ରହିଛି। ରାସ୍ତା ପାର୍ଶ୍ୱକୁ ଲାଗି ଉକ୍ତ ଟ୍ରାନ୍ସଫର୍ମର ରହିଛି। ଉକ୍ତ ଛକର ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ହେଲେ ଅପରାହ୍ନରେ ହଠାତ୍ ଉକ୍ତ ଟ୍ରାନ୍ସଫର୍ମରରେ ନିଆଁ ଲାଗିଯିବା ଦେଖି ବିସ୍ଫୋରଣ ଆଶଙ୍କାରେ ଉପସ୍ଥିତ ଶ୍ରଦ୍ଧାଳୁ ଏବଂ ରାଜପଥ ଯାତ୍ରୀ ଆତଙ୍କିତ ହୋଇ ପଡିଥିଲେ। କିଛି ସମୟ ପାଇଁ ରାଜପଥରେ ଯାତାୟତ ବନ୍ଦ ହୋଇ ଯାଇଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ନିଆଁ ଆୟତ୍ତ କରିବା ପରେ ରାଜପଥରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ଖପ୍ରାଖୋଲରେ ହନୁମାନ ଜୟନ୍ତୀ

**ଖପ୍ରାଖୋଲ,୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ବଜରଙ୍ଗ ଦଳ ତରଫରୁ ହନୁମାନ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ନିୟନ୍ତ୍ରିତ ବଜାର ମଣ୍ଡି ନିକଟରେ ସମସ୍ତେ ସଂଗଠିତ ହୋଇ ଥିଲେ। ବଜରଙ୍ଗ ଦଳ ରାଜ୍ୟସ୍ତରୀୟ ସଂଗଠକ ସୌମ୍ୟ ରଞ୍ଜନ ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ଖପ୍ରାଖୋଲ ଗାଁ ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରାକାରୀମାନେ ହରିଶଙ୍କରଠାରେ ହନୁମାନଙ୍କ ନିକଟରେ ପୂଜା ପାଠ କରି ଖପ୍ରାଖୋଲ ଫେରିଥିଲେ। ଏହି ଅବସରରେ ବାଲଗୋପଲ ଦାଶ, ବୁଲୁ ପଣ୍ଡା, ସାଇରାମ ସାହୁ, ଡୋଲାମଣି ସାଣ୍ଡ, ସିଦ୍ଧାନ୍ତ ସାହୁ, ବଦଳ ଦଣ୍ଡସେନା, ରୁପେନ୍ଦ୍ର ମୁଣ୍ଡା, ଅଭୟ ତ୍ରିପାଠୀ, ତାପସ ବେହେରା, କାଳିଆ ସାହୁ, ଉମାକାନ୍ତ ପ୍ରଧାନଙ୍କ ସମେତ ଶତାଧିକ ଯୁବକ ସାମିଲ ହୋଇଥିଲେ।

### ହନୁମାନ ଜୟନ୍ତୀ ପାଳିତ

**ଲୋଇସିଂହା,୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମରେ ହନୁମାନ ଜୟନ୍ତୀ ଶୁକ୍ରବାର ଧୁମଧାମରେ ପାଳିତ ହୋଇଯାଇଛି। ସ୍ଥାନୀୟ ବ୍ୟବସାୟୀ, ଅଟୋ ସଂଘ ଏବଂ ଆରଏମସି କର୍ମଚାରୀଙ୍କ ମିଳିତ ଆନୁକୂଲ୍ୟରେ ବୁର୍ଡାଛକ ହନୁମାନ ମନ୍ଦିରଠାରେ ୨୧ତମ ହନୁମାନ ଜୟନ୍ତୀ ପାଳନ କରାଯାଇଥିଲା। ମନ୍ଦିର ପୂଜକ ମନୋଜ ଦାଶ ପୂଜାର୍ଚ୍ଚନା କରିବା ସହ ହନୁମାନ ଚାଳିଶା ପାଠ କରିଥିଲେ। ଏହି ଅବସରରେ ଗାୟିକା ବର୍ଷା ପଣ୍ଡା ସୁନ୍ଦରା କାଣ୍ଡ ପାରାୟଣ କରିଥିଲେ। ସହଦେବ ସା, ନିଗମା ନନ୍ଦ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା ଜୟନ୍ତୀ ଉତ୍ସବରେ ଯୋଗଦାନ କରିଥିଲେ। ସେହିପରି ଗ୍ରାମର ଟିକୁ ସାହୁ ଏବଂ ଅନ୍ୟମାନେ ଝଣ୍ଡା ଧରି ଗ୍ରାମ ଶୋଭାଯାତ୍ରା କରି ବୁର୍ଡାଛକ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେହିପରି ଲୋଇସିଂହା ନୂଆପାଡ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଥିବା ବେଳେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଶନିବାର ଏହା ଉଦ୍‌ଯାପିତ ହେବ ବୋଲି ମନ୍ଦିର ପରିଚାଳକ କହିଛନ୍ତି।

### ହନୁମାନ ଜୟନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

**ଦେଓଗାଁ,୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଅଖିଳ ଭାରତୀୟ ମହିଳା ମାରୱାଡି ସଂଗଠନ ତରଫରୁ ସ୍ଥାନୀୟ ଏଟିଏମ ଛକ ଠାରେ ପଣା ସଂକ୍ରାନ୍ତି ଅବସରରେ ବେଲ ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନ ସଭାପତି ଅଞ୍ଜୁ ଅଗ୍ରୱାଲ , ସଂପାଦକ ସବିତା ଅଗ୍ରୱାଲ, ରେଣୁ ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ଖୁସବୁ ଅଗ୍ରୱାଲ, ପ୍ରୀତି ଅଗ୍ରୱାଲ, ଟିଙ୍କି ଅଗ୍ରୱାଲ, ମିତା ଅଗ୍ରୱାଲ, ଅନିତା ଅଗ୍ରୱାଲ, ଟିନା ଅଗ୍ରୱାଲ, ନିଶା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାରସବାହାଲ ବଙ୍ଗଳା ଛକ ଠାରେ ଏକ ଦିବସୀୟ ରାମାୟଣ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଲେପାଲି ବଜରଙ୍ଗ ଦଳ ତରଫରୁ ମଧ ରାମାୟଣ ପାରାୟଣ ହୋଇଥିଲା। ସେହିପରି ବହଲି , ବନ୍ଧପଡା, ମୁରସିଂହ, ଚନ୍ଦ୍ରପୁର, ଗାଇବାହାଲ, ଜରାସିଂହା, ଉପରଝର , ସିଙ୍ଗାମୁଣ୍ଡାରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଯାଇଛି।

# ଶିକ୍ଷା ହିଁ ବିକାଶର ମୂଳଦୁଆ

**ଟିଟିଲାଗଡ଼,୧୪।୪(ଡି.ଏନ.ଏ.)**



ଜୟନ୍ତୀ ସଭାରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଓ ଅନ୍ୟମାନେ।

ଟିଟିଲାଗଡ଼ ବ୍ଲକ ଅଧୀନ ସିଲୁଆଁ ଗାଁଠାରେ ଡ.ଆମ୍ବେଡକର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ଗାଁରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆଦିବାସୀମାନେ ପାରମ୍ପରିକ ବାଦ୍ୟ, ନୃତ୍ୟ ଗୀତ ସହିତ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ବିଶିଙ୍କୁ ଗାଁ ପରିକ୍ରମା କରାଇ ସଭାସ୍ଥଳକୁ ଆଣିଥିଲେ । ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ବିଶି କହିଲେ ଯେ ଆଦିବାସୀମାନଙ୍କୁ ଦେଶର ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ସେମାନଙ୍କ ପାଇଁ ଉଚ୍ଚ ଶିକ୍ଷା, ଗୁଣାତ୍ମକ ଶିକ୍ଷା, ବୃତ୍ତିଗତ ଶିକ୍ଷା, ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ରହିଛି। ଶିକ୍ଷା ହିଁ ବିକାଶର ମୂଳଦୁଆ। ଏଥିପାଇଁ ଆଦିବାସୀମାନଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପୋଷ୍ଟ ଗ୍ରାଜୁଏଟ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ପ୍ରଦାନ କରିବା ଉଚିତ। ଓଡିଶା ସରକାର ଯେମିତି ପ୍ରତି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି,କେନ୍ଦ୍ର ସରକାର ମଧ ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ବିକାଶ ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ଉଚିତ ବୋଲି ବିଶି ପ୍ରକାଶ କରିଛନ୍ତି। ଆଦିବାସୀ ଭାଷା ହୋ, ମୁଣ୍ଡାରୀ, ଭୂମିଜ, କୁଇକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା, ଆଦିବାସୀଙ୍କ ଜମି, ଜଳ, ଜଙ୍ଗଲ, ଜୀବଜନ୍ତୁ, ସଂସ୍କୃତି, ଆଦିବାସୀଙ୍କ ଦେବା ଦେବୀ ପୀଠଗୁଡିକର ସୁରକ୍ଷା କରିବା ଆବଶ୍ୟକ। ଏଥିସହିତ ଆଦିବାସୀ ଅଞ୍ଚଳରେ ଇଣ୍ଟରନେଟ ବ୍ୟବସ୍ଥା, ଆବାସ, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର ବିଷୟରେ ବିଶି ଆଲୋକପାତ କରିଥିଲେ। ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀ ରେ ୨୩ ପ୍ରତିଶତ ଆଦିବାସୀ ଅଛନ୍ତି। ସେହି ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ବିକାଶ ପାଇଁ ବଲାଙ୍ଗୀର ଲୋକସଭା ଏମ୍‌ପି ତାଙ୍କ ଏମ୍‌ପି ଲାଡ ପାଣ୍ଠିରୁ କୋଡିଏ ବର୍ଷ ମଧ୍ୟରେ କେତେ ଅନୁଦାନ ଦେଇଛନ୍ତି ବୋଲି ବିଶି ପ୍ରଶ୍ନ କରିଥିଲେ। ସଭାରେ ଆଦିବାସୀ ନେତାମାନେ ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଘର୍ଷ କର, ବାବା ସାହେବ ଆମ୍ବେଡକରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଦିବାସୀ ସମାଜର କଲ୍ୟାଣ ପାଇଁ ଆଗେଇ ଆସିବା ଦରକାର ବୋଲି କହିଥିଲେ।

# ଉତ୍ତମ ଚରିତ୍ର ଗଠନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ

**ଖପ୍ରାଖୋଲ,୧୪।୪(ଡି.ଏନ.ଏ.)**

**ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ ଉତ୍ସବ**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବାର୍ଷିକ ଉତ୍ସବରେ ଶିକ୍ଷାକେନ୍ଦ୍ରର ପରିଚାଳନା ମୁଖ୍ୟ ଭରତ ସାହୁ ଅଧକ୍ଷତା କରିଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷା ମିନତି ସାହୁ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଜିଲାପାଳ ଡ଼ା ବିଜୟାନନ୍ଦ ସେଠୀ, ମୁଖ୍ୟବକ୍ତା ରୂପେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅଧାପିକା ତାପିନି ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ବ୍ଲକ ଅଧକ୍ଷା ନିରୁପମା ପଟେଲ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ଜଗଦା ନନ୍ଦ ବେହେରା ଯୋଗ ଦେଇଥିଲେ। ବିଦ୍ୟା ଅଧୟନ ସହ ଉତ୍ତମ ଚରିତ୍ର ଗଠନ ପାଇଁ ସଂକଳ୍ପ ନେବାକୁ ବକ୍ତାମାନେ ଛାତ୍ରୀ ଛାତ୍ରଙ୍କୁ ଆହ୍ୱାନ କରିଥିବା ବେଳେ ଦେଶ ସେବାରେ ମନ ନିବେଶ କରିବାକୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଦେଶାତ୍ମବୋଧକ ନାଚ ଗୀତ ପରିବେଷଣ କରିଥିଲେ। ଶେଷରେ ଦେବାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜ୍ଞାନର ପ୍ରତୀକ ଥିଲେ ଆମ୍ବେଡ଼କର

**ଲାଠୋର,୧୪।୪(ଡି.ଏନ.ଏ.)**


ଲାଠୋର ଗୋଷ୍ଠୀକେନ୍ଦ୍ରରେ ଆମ୍ବେଡ଼କରଙ୍କ ୧୩୨ତମ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି.ଆର. ଆମ୍ବେଡକର ଥିଲେ ଜ୍ଞାନର ପ୍ରତୀକ। ଶିକ୍ଷା ହିଁ ଆଲୋକ। ଏଣୁ ପ୍ରତ୍ୟେକ ଲୋକ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି ଡ. ଆମ୍ବେଡକରଙ୍କ ୧୩୨ ତମ ଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲାଠୋର ରେଞ୍ଜର ପ୍ରଭାତୀ ସେଠ ମତବ୍ୟକ୍ତ କରିଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗୋଷ୍ଠୀ କେନ୍ଦ୍ରଠାରେ ଶୁକ୍ରବାର ସାବାସ ସାମାଜିକ ପରିବର୍ତ୍ତନ ସଂଗଠନର ସଭାପତି କପିଳ ସୁନାଙ୍କ ଅଧକ୍ଷତାରେ ଏହି ଜୟନ୍ତୀ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୋନ ୩ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର ଓ ନାରୀନେତ୍ରୀ ରିନା ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳା ସଶକ୍ତିକରଣ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ମେହେର, ସାମାଜିକ କର୍ମୀ ସୁଶିଲ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ବାରିକ, ସମ୍ପାଦକ ରାହୁଲ ସୁନା ପ୍ରମୁଖ ଯୋଗ ଦେଇଥିଲେ। ଜନ୍ମ ଜୟନ୍ତୀ ଅବସରରେ ଗ୍ରାମରେ ସ୍ଥାପନ ହୋଇଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଶତାଧିକ ମହିଳାପୁରୁଷ ପୁଷ୍ପ ମାଲ୍ୟ ଅର୍ପଣ କରି ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲେ। ଗ୍ରାମର ବିଭିନ୍ନ ସଂଗଠନ ପକ୍ଷରୁ ଶୋଭା ଯାତ୍ରାକାରୀଙ୍କୁ ଛକ ସ୍ଥାନରେ ସ୍ୱାଗତ କରାଯାଇଥିଲା। ସାବାସ ସଂଗଠନର ବରିଷ୍ଠ ସଦସ୍ୟ ବିଶ୍ୱହରି ନାଗ ଓ ରବି ସୋନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟ ସିକନ୍ଦର ସୁନା। ସଂଗଠନର ବରିଷ୍ଠ ସଦସ୍ୟ ବିଦ୍ୟାଧର ଗୁର୍ଲା, କରୁଣାକର ସୁନା, ଫିରୋଜ ନାଗ, ମୋତିରା ତାଣ୍ଡି, ମହେଶ୍ୱର ରାଏଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ହରିଶଙ୍କର ମନ୍ଦିରର ବିଭିନ୍ନ ଟିକସ ଆଦାୟ ଦାୟିତ୍ୱ ନେଲେ ମହିଳା

**ଖପ୍ରାଖୋଲ,୧୪।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ମନ୍ଦିରର ବିଭିନ୍ନ ଟିକସ ଆଦାୟ ଦାୟିତ୍ୱ ନେଇଛନ୍ତି ମହିଳା। ପୂର୍ବରୁ ବିଭିନ୍ନ ଟିକସ ଆଦାୟ ପାଇଁ ନିଲାମ ହେଉଥିବା ବେଳେ ପୁରୁଷମାନେ ନିଲାମ ନେଉଥିଲେ। ହେଲେ ଚଳିତ ଥର ପ୍ରଥମ କରି ଦେବୋତ୍ତର ବିଭାଗ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଲାମରେ ସାମିଲ କରାଯାଇଥିଲା । ଫଳରେ ୨୩ ସ୍ୱୟଂ ସହାୟକ ଗୋଷ୍ଠୀ ନିଲାମରେ ଭାଗ ନେଇଥିଲେ। ଅନ୍ନ ଭୋଗ ପାଇଁ ନାନ୍ଦୁପଲା ଗାଁ ର ଜୟ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀ, ନଡ଼ିଆ ଓ ସୁଖା ଭୋଗ ପାଇଁ କୁଠୁର୍ଲା ଗାଁର କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦୁଇଚକିଆ ଓ ଚାରିଚକିଆ ଯାନ ପାର୍କିଂ ଓ ଗେଟ ପାସ କୁଠୁର୍ଲା ଗାଁର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ଟିକସ ଆଦାୟ ପାଇଁ ବନମାଳ ଗାଁର ଜୟ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ମିଳିଥିବା ଜଣାଯାଇଛି। ନିଲାମ ପାଇଲା ପରେ ଚୁକ୍ତି ସ୍ୱାକ୍ଷର କରି ଶୁକ୍ରବାର ମହିଳାମାନେ ଟିକସ ଆଦାୟ ସହ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଓଏଲଏମ ଡିପିଏମ ସୁମନ ଦ୍ୱିବେଦୀ, ଖପ୍ରାଖୋଲ ବିଡ଼ିଓ ରଶ୍ମି ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁରଙ୍କ ସମେତ ଦେବୋତ୍ତର କମିଟି ସଦସ୍ୟ ଉପସ୍ଥିତ ଥିଲେ। ପ୍ରଶାସନ ତରଫରୁ ପ୍ରଥମେ ହରିଶଙ୍କରଠାରେ ଏକ କାଫେ ଓ ରେଷ୍ଟୁରାଣ୍ଟକୁ ମହିଳାମାନେ ସୁଚାରୁ ରୂପେ ପରିଚାଳନା ପରେ ଏବେ ଅନ୍ୟ ଦାୟିତ୍ୱ ମହିଳାଙ୍କୁ ମିଳିଛି।

# ଆମ୍ବେଡକର, ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ସମାରୋହ

**ସିନାପାଲି,୧୪।୪(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ପୁରୁଣା ହସ୍ପିଟାଲ ପଡିଆଠାରେ ସିନାପାଲି ବ୍ଲକ ମୂଳନିବାସୀ ଏକତା ମଞ୍ଚ ପକ୍ଷରୁ ବାବା ସାହେବ ଡା. ଭିମରାଓ ଆମ୍ବେଡକର ଓ ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଗୋଣ୍ଡ ସମାଜ ସଭାପତି ପ୍ରସନ୍ନ ମାଝି ସଭାପତିତ୍ୱ କରିଥିବା ଶିକ୍ଷାବିତ ଭରତ ଚନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ସର୍ବେଶ୍ୱର ଜାଲ, ସମ୍ମାନିତ ଅତିଥି ସିନାପାଲି ଗୋଣ୍ଡ ସମାଜ ମହିଳା ସଭାନେତ୍ରୀ ରମାକାନ୍ତି ମାଝି, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ମାଲି ସମାଜ ସଭାପତି ଗୋଦାବରିସ ନାଏକ, ସିନାପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଖୁଟୁରାମ ସୁନାନୀ, ବନଜରା ସମାଜ ସଭାପତି ଲଛମନ ବନଜରା, ଶିକ୍ଷାବିତ ହୃଦାନନ୍ଦ ମାଝି, ଗଙ୍ଗରାମ ବାଗ, ପୁରନ୍ଦର ସୁନାନୀ, କୈଳାଶ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପୃଥକ ଭାବେ ଉକ୍ତ ସଂଯୁକ୍ତ ଜୟନ୍ତୀ ସମାରୋହ ପାଳିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ଏସଟି, ଏସସି ଓ ଓବିସି ସମ୍ପ୍ରଦାୟର ମିଳିତ ଉଦ୍ୟମରେ ଜନ୍ମ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ସମସ୍ତ ମୂଳନିବାସୀ ସମ୍ପ୍ରଦାୟ ମିଳିତ ଆୟୋଜନ ନେଇ ପରସ୍ପର ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଛି। ସମସ୍ତ ମୂଳନିବାସୀ ସମ୍ପ୍ରଦାୟ ମିଳିତ ଭାବେ ଆମ୍ବେଡକଙ୍କ ଜୟନ୍ତୀ ପାଳନ କରିବା ସହ ଶିକ୍ଷିତ ହେବା, ସଂଘର୍ଷ କରିବା ଓ ସଙ୍ଗଠିତ ହେବା ନେଇ ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ମୂଳନିବାସୀ ସମ୍ପ୍ରଦାୟର ଶତାଧିକ ପୁରୁଷ ମହିଳା, ଯୁବକଯୁବତୀ ଉପସ୍ଥିତ ଥିଲେ। ସ୍ଥାନୀୟ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଖୁଟୁରାମ ସୁନାନୀ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# କଫ ସିରପ୍ ଜବତ: ୨ କୋର୍ଟ ଚାଲାଣ

**ଖପ୍ରାଖୋଲ,୧୪।୪(ଡି.ଏନ.ଏ.)**

ଖପ୍ରାଖୋଲ ଥାନା ଅଧୀନ ଗମ୍ଭାରୀ ବେଲପଡ଼ା ରାସ୍ତାର କଂଶପଲା ଗାଁ ନିକଟରୁ ପୋଲିସ ୧୦ ବୋତଲ କଫ ସିରପ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୁଢ଼ୀବାହାଲ ଗାଁର ବାଲଗୋପଲ ପୁଟେଲ (୩୨) ଓ କଟାପାଲି ଗାଁର ସୁଶାନ୍ତ ପୁଟେଲ ( ୨୨)। ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ମୋଟର ସାଇକେଲରେ ଯାଉଥିବା ଅଭିଯୁକ୍ତ ଦୁଇ ଜଣ ପୋଲିସକୁ ଦେଖି ଜୋର୍‌ରେ ଗାଡି ଚଳାଇଥିଲେ। ପୋଲିସ ସେମାନଙ୍କୁ ସନ୍ଦେହରେ ଅଟକାଇ ତନଖି କରିବା ସମୟରେ ମୋଟର ସାଇକେଲ ଡିକିରୁ ୧୦ ବୋତଲ ଏସେ କଫ ସିରପ୍ ଜବତ କରିଥିଲା। ମୋଟର ସାଇକେଲ ଜବତ ହୋଇଛି। ଏନେଇ ଖପ୍ରାଖୋଲ ଥାନାରେ କେସ ନଂ ୪୮/୨୩ରେ ଏକ ମାମଲା ରୁଜୁ ହୋଇଛି।

# ପଣା ବାଣ୍ଟିଲେ ମହିଳା

**ବଲାଙ୍ଗୀର ଅଫିସ,୧୪।୪**

ମହାବିଷୁବ ସଂକ୍ରାନ୍ତି ଅବସରରେ ଜିଲା ଚିତ୍ରଗୁପ୍ତ କଲ୍ୟାଣ ସଂଘ ମହିଳା ଶାଖା ପକ୍ଷରୁ ବଲାଙ୍ଗୀର ନରସିଂହ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତା କଡରେ ଶୁକ୍ରବାର ପଣା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ମହିଳାମାନେ ପଣା ବଣ୍ଟନ କରିଥିଲେ। ପ୍ରବଳ ଖରାରେ ପଣା ପିଇ ଲୋକେ ତୃଷା ମେଣ୍ଟାଇଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଞ୍ଚନମଣି ଦାନୀ, ସୁଷମା ଚୌଧୁରୀ, ଧୀରା ବହିଦାର, ନମିତା ବକ୍ସି, ସଞ୍ଜୁକ୍ତା ବକ୍ସି, ପ୍ରଭାତି ବକ୍ସି, ମିନତୀ ପଟ୍ଟନାୟକ, ଛନ୍ଦା ପଟ୍ଟନାୟକ, ପ୍ରତିମା ପଟ୍ଟନାୟକ, ସୁଜାତା ବହିଦାର, ସିଉହା ବହିଦାର, ଜ୍ୟୋତ୍ସ୍ନା ପଟ୍ଟନାୟକ, ବିଷ୍ଣୁପ୍ରିୟା ବହିଦାର, ରୀତା ସାହାଣୀ, ମୀନା ମହାନ୍ତି, ଦେବସ୍ମିତା ପଟ୍ଟନାୟକ, ମମତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଚିତ୍ରଗୁପ୍ତ କଲ୍ୟାଣ ସଂଘ ମହିଳା ଶାଖା ପକ୍ଷରୁ ପଣା ବଣ୍ଟନ କରାଯାଉଛି।

# ଲନ୍ ବଲ୍ ଚାମ୍ପିୟନ ଦଳକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ,୧୪।୪**



ଚାମ୍ପିୟନ ବଲାଙ୍ଗୀର ଲନ୍ ବଲସ୍ ଦଳ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଅବସରରେ କ୍ରୀଡାପ୍ରେମୀମାନେ।

କଟକସ୍ଥିତ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ସଦ୍ୟ ସମାପ୍ତ ଆନ୍ତଃ ଜିଲା ଲନ ବଲସ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଥିବା ବଲାଙ୍ଗୀର ଦଳକୁ ବଲାଙ୍ଗୀର କଦଳୀମୁଣ୍ଡାସ୍ଥିତ ନର୍ସରୀଠାରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଅସୀ ଚାଳନା ସଂଘ, ଜିଲା ସନ୍ତରଣ ସଂଘ, ବଲାଙ୍ଗୀର ବୁଦ୍ଧିଜୀବୀ ତଥା କ୍ରୀଡାପ୍ରେମୀ ଗୌରୀ ଶଙ୍କର ମିଶ୍ର, ବିନୋଦ ମହାନ୍ତି, ମନୋରଞ୍ଜନ ପାଣିଗ୍ରାହୀ, ବୀରେନ୍ଦ୍ର କୁମାର ଝାଙ୍କର, ବଳରାମ ମିଶ୍ର, ଯୁଧିଷ୍ଠିର ମେହେର, ପ୍ରଭଞ୍ଜନ ହୋତା, ସୁକାନ୍ତ କୁମାର ବକ୍ସି, ନରେଶ ପ୍ରଧାନ, ବାଲକୁମାର ମିଲୁଆର, ତରୁଣ ସେଠ, ରୋଶନ ସାହୁ, ସୁକାନ୍ତ ସେଠ, ବଲାଙ୍ଗୀର ଜିଲା କ୍ରୀଡା ଅଧିକାରୀ ପରାସର ବାଗ ଏବଂ ରାଜ୍ୟ ଲନ ବଲସ ସଂଘ ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ରହି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବଲାଙ୍ଗୀରର ଏହି ଦଳ ରାଜ୍ୟ ସ୍ତରରେ ବଲାଙ୍ଗୀରର ଗୌରବ ବଢ଼ାଇଛନ୍ତି ବୋଲି ଅଭିନନ୍ଦନ ଜଣାଯାଇଥିଲା। ଆଗକୁ ଜାତୀୟ ସ୍ତରରେ ମଧ ଏହି ଖେଳାଳିମାନେ ସୁନାମ ଅର୍ଜନ କରି ଜିଲାର ଗୌରବ ବଢ଼ାଇବେ ବୋଲି ଶୁଭେଚ୍ଛା ଜଣାଯାଇଥିଲା। ସମ୍ପାଦକ ପୁରୋହିତ ବଲାଙ୍ଗୀରରେ ଏକ ଲନ୍‌ବଲ ଷ୍ଟାଡିୟମ କରାଯିବା ଉପରେ ସୂଚନା ଦେଇଥିଲେ। ପାଞ୍ଚଟି ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତି ଏହି ଦଳ ରାଜ୍ୟ ସ୍ତରରେ ଚାମ୍ପିୟନ ହୋଇଥିଲେ। ଉକ୍ତ ପ୍ରତିଯୋଗିତାରେ ଓଡିଶାର ୧୭ଟି ଜିଲ୍ଲାର ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ବଲାଙ୍ଗୀର ଜିଲା ଲନ ବଲ ସଂଘ ପକ୍ଷରୁ ୭ ଜଣ ମହିଳା ଏବଂ ୭ ଜଣ ପୁରୁଷ ଖେଳାଳି ରାଜ୍ୟ ଲନ ବଲସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପଦକ ଜିତି ଜିଲାର ଗୌରବ ବଢ଼ାଇଥିବା ଖେଳାଳି ନରସିଂହ ରାଣା, କୈଳାଶ ମାଝି, ସୌରଭ ରଞ୍ଜନ ମହାରଣା, ଦିନେଶ ନନ୍ଦ, ଲଳିତ ଶର୍ମା, ରିକୁ ନାଏକ, ଶ୍ୱେତଲିନା ବକ୍ସି, ପଦ୍ମିନୀ ପୁଟେଲ, ରୋଶନୀ ସାହୁ, ରାଜେଶ୍ୱରୀ ସେଠ, ରୋହିଣୀ ନାଏକ, ସାଇନା ନାଏକ, ବିଷ୍ଣୁପ୍ରିୟ ବହିଦାର, ପ୍ରତିମା ସେଠଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଉଜ୍ଜ୍ୱଳ କ୍ରୀଡା ଭବିଷ୍ୟତ କାମନା କରାଯାଇଥିଲା।

## ସଂକ୍ଷେପରେ

### ହନୁମାନ ଜୟନ୍ତୀରେ ଶୋଭାଯାତ୍ରା

**ପଦ୍ମପୁର,୧୪।୪(ଡି.ଏନ.ଏ.):** ପଦ୍ମପୁରରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ସମସ୍ତ ହିନ୍ଦୁ ସଂଗଠନ ଏବଂ ସାମାଜିକ ସଙ୍ଗଠନର ମିଳିତ ଉଦ୍ୟମରେ ହନୁମାନ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ପଦ୍ମପୁର ରାମମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପରେ ପୁଣି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସହରର ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଯୁବତୀଯୁବକ, ମହିଳାପୁରୁଷ ଭାଗ ନେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ସରବତ ବ୍ୟବସ୍ଥା କରାଯାଇଥିଲା। ଅନେକ ଭକ୍ତ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୋଇଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

### ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଭେଡ଼େନ,୧୪।୪(ଡି.ଏନ.ଏ):** ମହାବିଷୁବ ସଂକ୍ରାନ୍ତି ଓ ହିନ୍ଦୁ ନବବର୍ଷ ଅବସରରେ ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଥିବା ହନୁମାନ ମନ୍ଦିରରେ ଶୁକ୍ରବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ କରି ଭେଡ଼େନ ଡାକ୍ତରଖାନା, କେଶରିପାଲି, ମହୁଲପାଲି, କମ୍ପପାଲି, ଗଣ୍ଡତୁରୁମ ସ୍ୱାସ୍ଥ୍ୟକେନ୍ଦ୍ର, ଥୁଆପାଲି, ରେମଣ୍ଡା ସ୍ଥିତ ମନ୍ଦିରମାନଙ୍କରେ ସକାଳୁ ପୂଜାପାଠ, ହୋମଯଜ୍ଞ, ହନୁମାନ ଚାଳିଶା ଆଦି ପାଠ କରାଯାଇଥିଲା। କେଉଁଠି ଅନ୍ନକୋଟ ତ ଆଉ କେଉଁଠି ଛପନ ଭୋଗ ଆୟୋଜନ ହୋଇଥିଲା। ପଣା ଭୋଗ ପାଇବା ପାଇଁ ଶ୍ରଦ୍ଧାଳୁ ଭକ୍ତ ଲମ୍ବା ଲାଇନରେ ଛିଡା ହୋଇଥିଲେ। ସେହିପରି ଗାଁରେ ଥିବା ରାମ, ରାଧାକୃଷ୍ଣ ଏବଂ ଜଗନ୍ନାଥ ମନ୍ଦିରରେ ଧୂମ୍‌ଧାମ୍‌ରେ ସଂକ୍ରାନ୍ତି ପାଳନ କରାଯାଇଥିଲା।

### ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଭେଡ଼େନ,୧୪।୪(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣତୁରୁମ ଗ୍ରାମରେ ଅନୁଷ୍ଠିତ ୨୪ ପ୍ରହର ନାମଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ସୋମବାର ଗ୍ରାମର ମହିଳାମାନେ କଳସ ଯାତ୍ରାରେ ବାହାରି ମହାନଦୀରୁ ପୂର୍ଣ୍ଣକୁମ୍ଭ ଜଳ ନେଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ଅଧିବାସ ସହ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଅରିଗାଁ, ଟିହିକିପାଲି, ଗଣ୍ଡତୁରୁମ, ଭାଙ୍ଗକୁଦ, ସିନ୍ଦୁରପୁର ଆଦି ଗ୍ରାମର ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଡଭଲା ଓ ହିରୁମୁଣ୍ଡା ଦଳ ମଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲା। ଗ୍ରାମର ପ୍ରଦୀପ ବାଗ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନେପାଳ ଝାଙ୍କର, ଟଙ୍କଧର ଭୁଏ, ଜୟଲାଲ ତନସନା, ସତ୍ୟ ଝାଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦ ଜବତ, ଜଣେ ଗିରଫ

**ବରପାଲି,୧୪।୪(ଡି.ଏନ.ଏ.):** ବରଗଡ ଜିଲା ବରପାଲି ଥାନା ବାଗବାଡି ଛକରେ ପୋଲିସ ଚଢାଉ କରି ୮୬ଟି ବିଦେଶୀ ମଦ ବୋତଲ, ୨୨୨ଟି ଦେଶୀ ପାଉଚ ମଦ ଏବଂ ନଗଦ ୩୦୦୦ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ବାଗବାଡି ଗ୍ରାମର ମୁକେଶ ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୩୦।୨୩) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

# ଆମ୍ବେଡ୍‌କରଙ୍କ ଆଦର୍ଶକୁ ପାଥେୟ ପାଇଁ ଆହ୍ୱାନ

**ବରଗଡ଼ ଅଫିସ୍,୧୪।୪**

ବରଗଡ଼ରେ ଶୁକ୍ରବାର ଜିଲାସ୍ତରୀୟ ଡଃ ବି. ଆର. ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସକାଳ ୮ଟାରେ ଜିଲାପାଳ ମୋନିଷା ବାନାର୍ଜୀ ସ୍ଥାନୀୟ କୋର୍ଟ ସମ୍ମୁଖରେ ଥିବା ଡଃ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସେହିପରି ଚୈତନ୍ୟ ପାଇକ, ଆମ୍ବେଡ଼କର କ୍ଲବ, ଜିଲା ଓକିଲ ସଂଘର ସଦସ୍ୟବୃନ୍ଦ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଦିନ ୯ଟାରେ ରେନ୍‌ବୋ ପବ୍ଲିକ ସ୍କୁଲ ପରିସରରେ ଜିଲାସ୍ତରୀୟ ଡଃ ଆମ୍ବେଡ଼କର ଜୟନ୍ତୀ ପାଳନ ଅବସରରେ ସଭା ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ରେନ୍‌ବୋ ପବ୍ଲିକ ସ୍କୁଲର ଗାୟତ୍ରୀ ମଲିକ ପ୍ରଥମ, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଅନିତି ଅଗ୍ରୱାଲ ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ସୁନା ଓ ବିକାଶ ଆବାସିକ ବିଦ୍ୟାଳୟର ଅନୁଷ୍କା ସ୍ମୃତି ସାଙ୍ଗା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପକ ଅଶୋକ ମେହେର, ସୌଭାଗ୍ୟ ପ୍ରଧାନ, ଡୋଲାମଣି ଶତପଥି ବିଚାରକ ଦାୟିତ୍ୱ ତୁଲାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ରେନ୍‌ବୋ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ହିମାଂଶୁ ମେହେର ଏବଂ ସହକର୍ମୀ ସହଯୋଗ କରିଥିଲେ।



ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ତଳେ ଜିଲାପାଳ ଏବଂ ଅନ୍ୟମାନେ । ଆମ୍ବେଡ଼କରଙ୍କ ଜୟନ୍ତୀରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି ।

ବିକାଶ ଲ ସ୍କୁଲରେ ଅଧ୍ୟକ୍ଷ ପ୍ରଫେସର ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିବାନନ୍ଦ ସାହୁ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଦାସ ନିଜ ବକ୍ତବ୍ୟରେ ଡଃ ଆମ୍ବେଡ଼କରଙ୍କ ଜୀବନୀ ଉପରେ ଆଲୋକପାତ କରି ସମ୍ବିଧାନ ଗଠନରେ ତାଙ୍କ ଭୂମିକା ଉପରେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରୀୟାଂଶୀ ମହାରଣା, ଶ୍ରୀ ପଣ୍ଡା, ଲିପନ ପୃଷ୍ଟେଠ, ସତ୍ୟମ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ, ଅଧ୍ୟାପିକା ରୋଜି ମେହେର, ଖୁସିରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

ଭୀମ୍ ସ୍ୱୟଂ ସେବକ ସଂଘ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଆମ୍ବେଡ଼କରଙ୍କ ଆଦର୍ଶକୁ ଗ୍ରହଣ କରିବାକୁ ସେ ଆହ୍ୱାନ କରିଥିଲେ। ତିଳପାଲି ସ୍କୁଲର ଶିକ୍ଷକ ରାହାସ ଛୁରିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡଃ ଆମ୍ବେଡ଼କରଙ୍କ ନ୍ୟାୟ, ସମାନତା, ଭାଇଚାରା, ସ୍ୱତନ୍ତ୍ରତା ଉପରେ ଆଲୋକପାତ କରିଥିଲେ। ସାନନ୍ଦ ଭୋଇ, ଉଦ୍ଧବ ମହାନନ୍ଦ, ହୋମପାଲ କୁମ୍ଭାର, ରାଧେଶ୍ୟାମ ଦୀପ, ଆଶିଷ ଅଗ୍ରୱାଲ, ବଳରାମ କରାଲୀ, କ୍ରୀଷ୍ଟା ସୁନା, ସୁବ୍ରତ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବେଡ୍‌କରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଲକ୍ଷେଘର ଗଣ୍ଡା ସମାଜ

**ପାଇକମାଳ,୧୪।୪(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ନୃସିଂହନାଥଠାରେ ଡ. ବି. ଆର୍ ଆମ୍ବେଡ଼କରଙ୍କ ୧୩୨ ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ବ୍ଲକ ସଭାପତି ଯୁଧିଷ୍ଠିର ଚାନ୍ଦଙ୍କ ଅଧକ୍ଷତାରେ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକ ସମ୍ପାଦକ ଲଳିତ ଜଗତ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ସମାଜସେବୀ କ୍ଷେତ୍ରୀ ଲୁହାର, ଯୁଗଳ କିଶୋର ମହାନନ୍ଦ, ମନୋରଞ୍ଜନ ସୁନା ପ୍ରମୁଖ ଆମ୍ବେଡ଼କରଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ଉପଦେଷ୍ଟା ଦାମୋଦର କନ୍ଦ, ଦଶରଥ ଚାନ୍ଦ, ଦୁଃଶାସନ କୁମ୍ଭାର, ଧନସିଂ ତାଣ୍ଡି, ଶରତ ତାଣ୍ଡି, ମିଶ୍ର ବେଶ୍ରା, ମୋହିତ ଶିକା, ଲୁକୁ ବାଗ, ହରିରାମ ତାଣ୍ଡି, ବାଲେକରାମ ବେନିଆ, ଦିଲୀପ କୁମାର, ଉମାକାନ୍ତ ଜାଲ, ନବୀନ ହରିପାଲ, ନବଘନ ତାଣ୍ଡି, ଓ ମୋହିତ ବାଗ ଉପସ୍ଥିତ ଥିଲେ। କୋଷାଧକ୍ଷ ରାଜୁ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟଗଣ।

# ଆଗାମୀ ସାହିତ୍ୟ ସଂସଦର ବିଷୁବ ମିଳନ


ସାହିତ୍ୟ ସଂସଦ ସଭାରେ ମଞ୍ଚାସୀନ ଅତିଥିଗଣ।

**ପଦ୍ମପୁର,୧୪।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ରିକ୍ରିଏଶନ ସେଣ୍ଟରଠାରେ ଆଗାମୀ ସାହିତ୍ୟ ସଂସଦର ବିଷୁବ ମିଳନ ଉତ୍ସବ ପାଳନ କରାଯାଇଛି। ଏଥିରେ ସଂସଦ ସଭାପତି ଡ. ପ୍ରମୋଦ ପାଢୀ ପୌରୋହିତ୍ୟ କରିଥିଲେ। ଡ. ଜୟକେତନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ସଞ୍ଜୟ ବହିଦାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ରାଜେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବର ଆସର ଜମିଥିଲା। ସଞ୍ଜୟ ବହିଦାର, କିଶୋର ପାତ୍ର, ସତ୍ୟମୟ ତ୍ରିପାଠୀ, ପରମେଶ୍ୱର ବିଶି, କୁଞ୍ଜବିହାରୀ ସରାଫ, ରମଣୀ ରଞ୍ଜନ ବିଶ୍ୱାଳ, ମନୋରଞ୍ଜନ ପୁରୋହିତ, ପୌଲସ୍ତ୍ୟ ସାହା, ପ୍ରତିମା ବାରିକ, ଦୟାନିଧି ବଗର୍ତ୍ତି ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସମାଜସେବୀ ନିରୋଜ ଦୋରା, ତେନେସ କୁମାର ପଣ୍ଡା, ଟିଙ୍କୁନୁ ସାହୁ, ଶେଷଦେବ ମେହେର, ସରୋଜ ନାଏକ, ସୁନୀତି ଦେବତା, ଆଶିଷ ବୈକାର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଅର୍ଥନୀତି ବିଭାଗ ଅଧ୍ୟାପିକା ମମତାମୟୀ ଗୁରୁଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସହ ସମ୍ପାଦକ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବେଡ୍‌କର ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା

**ପଦ୍ମପୁର,୧୪।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁରଠାରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ୧୩୨ତମ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ସ୍ଥାନୀୟ ଗୋରୁ ବଜାରରୁ ବାହାରି ସହର ପରିକ୍ରମା କରି ଆମ୍ବେଦକର ଛକରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ପଦ୍ମପୁର, ପାଇକମାଳ, ଝାରବନ୍ଧ ବ୍ଲକ ଓ ପଦ୍ମପୁର ବିଜ୍ଞାପିତ ପରିଷଦର ଶତାଧିକ ଛାତ୍ର, ଯୁବକ ଓ ଆମ୍ବେଡ଼କରପ୍ରେମୀ ଯୋଗ ଦେଇଥିଲେ। ପରେ ଅନୁଷ୍ଠିତ ଏକ ଜନସଭାରେ ଉପଜିଲାପାଳ ସଦାକର କୁମ୍ଭାର, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ନଗରପାଳ ସାବିତ୍ରୀ ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବାସାହେବ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଡ୍ୟୁଟି ଛାଡ଼ି ଗୋରୁ ହାଟରେ ଦଲାଲି

**ପଦ୍ମପୁର,୧୪।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଆର୍‌ଏମ୍‌ସି ଅଧୀନ ସାପ୍ତାହିକ ଗୋରୁ ବଜାରରେ ପଦ୍ମପୁର ଫାଣ୍ଡିର ଜଣେ ପୋଲିସ ବାବୁ ନିଜ ଡ୍ୟୁଟି ଛାଡି ଦଲାଲି କରୁଥିବା ଅଭିଯୋଗ ହୋଇଛି। ଉକ୍ତ ବାବୁ ଜଣଙ୍କ ଛତିଶଗଡ଼ ମହାସମୁନ୍ଦ ଜିଲାରୁ ପଦ୍ମପୁର ଗୋରୁ ବଜାରକୁ ଆସୁଥିବା ଗୋରୁ ବୋଝେଇ ଗାଡ଼ିଗୁଡିକରୁ ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି। ଏହାସହ ଉକ୍ତ ପୋଲିସ ସେହି ଗାଡ଼ିଗୁଡିକୁ ବିନା ରସିଦରେ ନିୟନ୍ତ୍ରିତ ବଜାର କମିଟିର ଗଳାବାଟ (ଗାଇସିଲେଟ ରୋଡ୍) ରାସ୍ତାରେ ବାହାରକୁ ପଠାଇ ଦେଇଥାନ୍ତି। ମଙ୍ଗଳବାର ଓ ଶୁକ୍ରବାର ରାତିରେ ଛତିଶଗଡ଼ ଓ ନୂଆପଡା, କଳାହାଣ୍ଡି ପଟରୁ ଆସୁଥିବା ଛେଳି ଓ ଗୋରୁ ବୋଝେଇ ଗାଡ଼ି ଗୁଡିକରୁ ମଧ ବେଆଇନ ଭାବେ ଟଙ୍କା ଅସୁଲ କରାଯାଉଥିବା କିଛି ବ୍ୟବସାୟୀ ନିଜ ନାମ ଗୋପନ ସୂତ୍ରରେ କହିଛନ୍ତି। ଏଭଳି କାରବାରରେ କିଛି ଆର୍‌ଏମ୍‌ସି କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ହେଲା ରହିଆସିଥିବା ଏବଂ ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଉକ୍ତ ପୋଲିସ ବାବୁଙ୍କ ଉପରେ ବରଗଡ଼ ଏସ୍‌ପି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଉଦେପୁର ସମିତିରେ ଦୁଗ୍ଧଚାଷୀଙ୍କ ସଚେତନତା ଶିବିର


ଅତିଥିମାନେ ଦୁଗ୍ଧଚାଷୀଙ୍କ ସହ ଆଲୋଚନା କରୁଛନ୍ତି ।

**ଭେଡ଼େନ,୧୪।୪(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଞ୍ଚାୟତ ଅନ୍ତର୍ଗତ ଉଦେପୁର ସମିତିରେ ଦୁଗ୍ଧଚାଷୀଙ୍କ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓମ୍‌ଫେଡ ଅଧୀନ ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ପରିଚାଳିତ ଉଦେପୁର ସମିତି ସଭାପତି ହୃଷୀକେଶ ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଗୋଡ଼ଭଗା ଦୁଗ୍ଧମାର୍ଗର କ୍ଷେତ୍ର ପରିଦର୍ଶକ ଭରତ ବେହେରା, ସର୍ଲା ମାର୍ଗର କ୍ଷେତ୍ର ପରିଦର୍ଶିକା ସରୋଜିନୀ ବାରିକ, ଭେଡ଼େନ ମାର୍ଗର ସବିତା ପଧାନ, ସୋନପୁର ମାର୍ଗର ସହଦେବ ଶତପଥୀ, ଏମ. ଭି. ଗଣେଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀମାନେ କିପରି ଅଧିକ ଦୁଗ୍ଧ ଉତ୍ପାଦନ କରି ସମିତିକୁ ଆଣିବେ ଏବଂ ଘାସ ଚାଷ କରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ସେହିପରି ସମିତିର ବିଭିନ୍ନ ସମସ୍ୟା ସହ ଚାଷୀମାନଙ୍କ ସମସ୍ୟାଗୁଡ଼ିକୁ ଘର ଘର ବୁଲି ବୁଝିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାରକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୪।୪**

ରାଜ୍ୟରେ ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାରକୁ ନେଇ ଶୁକ୍ରବାର ବରଗଡ଼ରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ପରେଶ ବିଶିଙ୍କ ସଂଯୋଜନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀକୁ ସମ୍ପାଦକ ବିରେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଭାଜପା ରାଷ୍ଟ୍ରୀୟ ପରିଷଦର ସଦସ୍ୟ



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

ସୌରୀଚରଣ ବାରିକ, କାର୍ଯ୍ୟକାରିଣୀ ସଦସ୍ୟା ଡା. ଅରୂପାନନ୍ଦ ସାହୁ, ସନତ ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହି ଓବିସିଙ୍କ ଅଧିକାର ବିଷୟରେ ଉପସ୍ଥାପନା କରିଥିଲେ। ଜିଲା ପରିଷଦ ସଭ୍ୟ ସୁଶାନ୍ତ ଗଡ଼ତିଆ, ଓବିସି ମୋର୍ଚ୍ଚା ଉପସଭାପତି ଶୁକ୍ରୁ ସାହୁ, ଦୁର୍ଯ୍ୟୋଧନ ସାହୁ, କୈଳାସ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ଓ ନିଯୁକ୍ତିରେ ଓବିସି ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସାମ୍ବିଧାନିକ ଅଧିକାର ବୋଲି ମତବ୍ୟକ୍ତ କରି ସେମାନେ ଦାବି ଉପସ୍ଥାପନ କରିଥିଲେ। ଏହାସହିତ କେନ୍ଦ୍ର ସରକାରଙ୍କ ଓବିସି ଫାଇନାନ୍ସ ଆଣ୍ଡ୍ ଡେଭଲପମେଣ୍ଟ କର୍ପୋରେଶନ ଗଠନ ଓ ଅର୍ଥନୈତିକ ବିକାଶ ଉପରେ ସୂଚନା ଦିଆଯାଇଥିଲା।

# ବିକାଶ କ୍ୟାମ୍ପସରେ ଜି-୨୦ କର୍ମଶାଳା

**ବରଗଡ଼ ଅଫିସ୍,୧୪।୪**

ବିକାଶ ହାଇୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ ଏବଂ ଜାତୀୟ ପ୍ରଯୁକ୍ତି ଅନୁଷ୍ଠାନ (ଏନ୍‌ଆଇଟି), ରାଉରକେଲାର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବିକାଶ ପରିସରରେ ଜି-୨୦ ସମ୍ବନ୍ଧିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର ଉମା ମାହେଶ୍ୱର ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜି-୨୦ର ଲକ୍ଷ୍ୟ ଏବଂ ଜି-୨୦ରେ ଭାରତର ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହାସହିତ ଏଥିରେ ଯୁବପିଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ତଥା ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଜି-୨୦ ସମାବେଶର ଆଭିମୁଖ୍ୟକୁ ପ୍ରକାଶ କରିବା ସହିତ ନିଟ୍ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ନିଟ୍, ରାଉରକେଲାର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ତାଙ୍କ ବକ୍ତବ୍ୟରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରି ଦେଶର ପ୍ରଗତିରେ ଯୁବପିଢ଼ିର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଷୟବସ୍ତୁ ଉପରେ ପ୍ରଫେସର ଅନୁପ ନନ୍ଦୀ ଏକ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକାଶ ରେସିଡେନ୍ସିଆଲ ସ୍କୁଲ, ବିଜନେସ୍ ସ୍କୁଲ, ଲ ସ୍କୁଲ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ପଲିଟେକ୍ନିକ୍ସର ୩ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ, ପ୍ରଫେସର ୱାଇ. ଡି. କ୍ଷେତ୍ରିଲା, ଡଃ ବିକ୍ରମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ଆର୍‌ଏସ୍‌ଭି କ୍ରୀଷ୍ଟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ ବିକାଶ ଅନୁଷ୍ଠାନର କର୍ମକର୍ତ୍ତାଗଣ ।

# ଅତାବିରାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା

**ସରଣ୍ଡା,୧୪।୪(ଡି.ଏନ.ଏ.)**

ହନୁମାନ ଜୟନ୍ତୀ ଅବସରରେ ଅତାବିରାଠାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରୁ ଶୋଭାଯାତ୍ରା ବାହାରି ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଲାଦେରପାଲି ଛକ ଯାଏ ଯାଇଥିଲା। ଏଥିରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି, ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ ସମେତ ହଜାର ହଜାର ହନୁମାନ ଭକ୍ତ ସାମିଲ ହୋଇଥିଲେ। ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ଚିତ୍ରକଳା, କୁମ୍ଭାରୀର କଳାକୁଞ୍ଜ, ରେମତାର ମାଁ ମଙ୍ଗଳା ଘଣ୍ଟବାଦ୍ୟ, ବଲାଙ୍ଗୀର ରାପଖାହଲର ରାହାସ ବାଗଙ୍କ ଶିବାନୀ ମ୍ୟୁଜିକାଲ କିଙ୍ଗ, ସ୍ଥାନୀୟ ଅଞ୍ଚଳର ହନୁମାନ ବେଶଧାରୀ ଶିଶୁ ବାନର ସେନା ପ୍ରମୁଖ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ।


ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରା ଯାଉଛନ୍ତି।

## ସଂକ୍ଷେପରେ

### ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

**ରାଉରକେଲା ଅଫିସ,୧୪।୪:** ରାଉରକେଲା ସହରରେ ଶାନ୍ତି ଓ ସଦ୍‌ଭାବନା ସହ ହନୁମାନ ଜୟନ୍ତୀ ପାଳିବାକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସହରର ମୁଖ୍ୟ ରାସ୍ତା ବିଶ୍ରା ଛକରୁ ଉଦିତନଗର ଆମ୍ବେଦକର ଛକ ପର୍ଯ୍ୟନ୍ତ ସିଆଇଏସଫ ଯବାନ, ୪ର୍ଥ ବାଟାଲିୟନ ଓ ପୋଲିସ ଫୋର୍ସ ଉପସ୍ଥିତ ରହି ସହରରେ ଶାନ୍ତି ବଜାୟ ରଖିବାକୁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିସହ ହନୁମାନ ଜୟନ୍ତୀ ସମୟରେ କୌଣସି ସାମ୍ପ୍ରଦାୟିକ ହିଂସା ନ ଘଟାଇବା ପାଇଁ ମାଇକ୍ ଯୋଗେ ପ୍ରଚାର କରିଥିଲେ। ଅନ୍ୟପକ୍ଷେ ରମଜାନ ମାସ ଚାଲିଥିବାରୁ ସହରର ପ୍ରମୁଖ ଛକ ସ୍ଥାନମାନଙ୍କରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସମ୍ବଲପୁର ଭଳି ପରିସ୍ଥିତି ନ ଉପୁଜିବା ପାଇଁ ଏଭଳି କଡା ପଦକ୍ଷେପ ନିଆଯାଇଥିବା ରାଉରକେଲା ଅତିରିକ୍ତ ଏସ୍‌ପି ସଂଗ୍ରାମ କେଶରୀ ଭୋଇ ସୂଚନା ଦେଇଛନ୍ତି।

### ଝାମୁଯାତ୍ରା: ନିଆଁରେ ଚାଲିଲେ ବରୁଆ

**ରାଉରକେଲା ଅଫିସ,୧୪।୪:** ମହାବିଷୁବ ସଂକ୍ରାନ୍ତୀ ଅବସରରେ ରାଉରକେଲା ସେକ୍ଟର-୩ ସ୍ଥିତ ବଲାଙ୍ଗୀର ବସ୍ତି ଯାତ୍ରା କମିଟି, ଜୟ୍ ମାଁ ମଙ୍ଗଳା ମନ୍ଦିର କଳାସୀ ଯାତ୍ରା କମିଟି ଏବଂ ବିଭିନ୍ନ କମିଟି ପକ୍ଷରୁ ଶୁକ୍ରବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୩ ସ୍ଥିତ ବଲାଙ୍ଗୀର ବସ୍ତି ଯାତ୍ରା କମିଟି ପକ୍ଷରୁ ଝାମୁଯାତ୍ରା ବେଶ୍ ଧୁମଧାମ୍ ସହିତ ପାଳନ ହୋଇଥିଲା। ଜୟ୍ ମାଁ ମଙ୍ଗଳା ମନ୍ଦିର କଳାସୀ ଯାତ୍ରା କମିଟି ବିଜେ ଯାତ୍ରା କରିଥିଲେ। ଉଭୟ କମିଟି ପକ୍ଷରୁ ମଧାହ୍ନ ୧୨ଟାରେ ଘଟ ନିମନ୍ତ୍ରଣ ଓ ଅପରାହ୍ନ ପ୍ରାୟ ୧ଟାରେ କଳସ ଯାତ୍ରା ବାହାରିଥିଲା। ଯାତ୍ରା ଦଳ ପୁଷ୍କରିଣୀରୁ ପାଣି ନେଇ ପୂଜାସ୍ଥଳ ଯାତ୍ରା ପଡିଆକୁ ଆସିଥିଲେ। ବୀରବାଦ୍ୟ ସହିତ ନିଷାନ ଓ ଢୋଲ ଗର୍ଜନରେ ଯାତ୍ରାସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ବ୍ରତଧାରୀମାନେ ମାନସିକ ପୂରଣ ପାଇଁ ମାଁ କାଳିସୀ ଓ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାସହ ବରୁଆମାନେ ନିଆଁ ଉପରେ ଚାଲିଥିଲେ। କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପ୍ରବଳ ଭିଡ ଜମିଥିଲା।

### ଆମ୍ବେଡ଼କରଙ୍କ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ

**ଦେବଗଡ଼, ୧୪।୪(ଡି.ଏନ୍.ଏ.):** ବାବା ସାହେବ ଡକ୍ଟର ବି.ଆର ଆମ୍ବେଡ଼କରଙ୍କ ୧୩୨ ତମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଦେବଗଡ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍ସିଏମଏସ ସାହି ଭୀମ ସେନା ଆର୍ମୀ ପକ୍ଷରୁ ଦେବଗଡ ସହରରେ ବି.ଆର୍ ଆମ୍ବେଡ଼କରଙ୍କ ଫଟୋଚିତ୍ର ସହ ଏକ ବିରାଟ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଅତିଥି ଭାବେ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଦେବଗଡ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ ଓ ଉଇଲିୟମ ହେନେଜ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ଆରସିଏମଏସ ସାହିରେ ଥିବା ଡକ୍ଟର ବି. ଆର୍ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁରୂପ ଭାବେ ଦେବଗଡ ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଫଳ ବିତରଣ କରାଯାଇଥିଲା।

# ମହିଳାଙ୍କୁ ଷ୍ଟ୍ରେଚରରେ ବୋହି ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ

**ସୁନ୍ଦରଗଡ଼, ୧୪।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ଜଣେ ଗୁରୁତର ମହିଳାଙ୍କୁ ୨କିମି ଷ୍ଟ୍ରେଚରରେ ବୋହି ଆଣି ମାନବିକତା ଦେଖାଇଛନ୍ତି ୧୦୮ ଆମ୍ବୁଲାନ୍ସର କର୍ମଚାରୀ। ଜିଲାର ବାଲିଶଙ୍କର ବ୍ଲକ ତଳସରା ଥାନା ଅଧିନସ୍ଥ ନିମ୍‌ଡିହି ଗ୍ରାମର ସମରା କମାରଙ୍କ ଝିଅ ବାସନ୍ତୀ (୨୬) ଘର ନିକଟସ୍ଥ ଏକ ଗଛରୁ ମହୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବା କାରଣରୁ ସେ ତଳେ ପଡ଼ି ଯାଇଥିଲେ। ତାଙ୍କ ପିଠିରେ ଗଭୀର ଆଘାତ ଲାଗିଥିଲା। ତେଣୁ ପରିବାର ଲୋକ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ମାତ୍ର ଗାଁକୁ ଯାଉଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବା କାରଣରୁ ୧୦୮ ଆମ୍ବୁଲାନ୍ସ ଆହତ ମହିଳାଙ୍କ ନିକଟରେ ପହଞ୍ଚିପାରି ନ ଥିଲା। କିନ୍ତୁ ଏସବୁ ସତ୍ତ୍ୱେ ମଧ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ମନୋଜ କୁମାର ମାଝୀ, ଇଏମଟି ମାନସ ପ୍ରଧାନ ଏବଂ ଆଟେଣ୍ଡାଣ୍ଟ ବିଷ୍ଣୁ ପ୍ରସାଦ ନାୟକ ବିଳମ୍ବ ନ କରି ନିଜେ ଚାଲିଚାଲି ଯାଇ ଆହତଙ୍କ ପାଖରେ ପହଞ୍ଚିଥିଲେ। ସେଠାରୁ ଗ୍ରାମବାସୀଙ୍କ ସହାୟତାରେ ଏକ ଷ୍ଟ୍ରେଚର ଯୋଗେ ମହିଳାଙ୍କୁ ପ୍ରାୟ ୨କି.ମି ପର୍ଯ୍ୟନ୍ତ ବୋହି ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପରେ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଦୁଃଖଦ ପରିସ୍ଥିତି ସମୟରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ମହାନତା ବାସ୍ତବରେ ରୋଗୀଙ୍କ ପାଇଁ ବରଦାନ ସାଜିଛି।


ଗୁରୁତର ମହିଳାଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ କର୍ମଚାରୀ ନେଉଛନ୍ତି।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଟେନ୍‌ସା,୧୪।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଟି ଆର ବି ଲୌହ ଖଣି ପକ୍ଷରୁ ଭାରତ ରତ୍ନ ଡ଼ ବିଆର ଆମ୍ବେଡ଼କରଙ୍କର ଜୟନ୍ତୀ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଟେନ୍‌ସା ଇସ୍ପାତ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଜିନ୍ଦଲ ଟେନସା ୟୁନିଟ ହେଡ କମଳାକାନ୍ତ ନନ୍ଦଙ୍କ ଅଧ୍ୟକ୍ଷତାରେ ପେରିଫେରିୟଲ ଦାୟିତ୍ୱବୋଧ ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବରିଷ୍ଠ ଡାକ୍ତର ବିଭୁତି ଭୂଷଣ ପାତ୍ର ଯୋଗଦେଇ ପାରିପାର୍ଶ୍ୱିକ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତେ ମାଗଣାରେ ଔଷଧ ନେଇଥିଲେ। ପ୍ରଶାସନ ବିଭାଗର ମୁଖ୍ୟ ସୁଦାମ ମହାକୁଡ଼ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିନ୍ଦଲ ସ୍ୱାସ୍ଥ୍ୟ କେନ୍ଦ୍ରର ଗଗନବିହାରି ସ୍ୱାଇଁ, ନେହା କୁମାରୀ, ହେମନ୍ତ ମାହାନ୍ତ, ସି. ଏସ.ଆର ତରଫରୁ ଗୀତା ମହାକୁଡ଼, ନେହା ଡାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ।

# ବଡ଼ଗାଁ ରାମଲୀଳା ଯାତ୍ରା ଉଦ୍‌ଯାପିତ

**ବଡ଼ଗାଁ, ୧୪।୪(ଡି.ଏନ୍.ଏ.)**

ଶ୍ରୀ ରାମଚନ୍ଦ୍ର ଓ ଲକ୍ଷ୍ମଣ ରୁସ୍ୟମୁଖ ପର୍ବତକୁ ଗଲାପରେ ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ ହୋଇଥିଲା। ଏହା ପରେ ସୁଗ୍ରୀବଙ୍କ ଭାଇ ବାଳୀଙ୍କୁ ବଧ କରି ସୁଗ୍ରୀବଙ୍କୁ କିସ୍କିନ୍ଦାର ରାଜା କରାଇଥିଲେ। ଯୋଜନା ମୁତାବକ ରୁକ୍ଷବଳ ଓ ବାନର ବଳ ସୀତାଙ୍କୁ ଖୋଜିବା ପାଇଁ ଜମ୍ବବାନ, ଅଙ୍ଗଦ, ହନୁମାନଙ୍କ ସହିତ ଦକ୍ଷିଣତଟ ସମୁଦ୍ରକୁ ଯାଇଥିଲେ। ସେଠାରେ ସେତୁ ବନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ହନୁମାନ ଲଙ୍କାରେ ପ୍ରବେଶ ସମୟରେ ଲଙ୍କିନୀ ପଥ ଓଗାଳିଥିଲେ। ହନୁମାନ ମୁଷ୍ଟି ପ୍ରହାର କରି ଲଙ୍କାରେ ପ୍ରବେଶ କରି ବିଭୀଷଣ ଙ୍କ ସହିତ ସାକ୍ଷାତ କରିଥିଲେ। ବିଭୀଷଣଙ୍କ ମନ୍ତ୍ରଣା କ୍ରମେ ହନୁମାନ ଅଶୋକ ବାଟିକାକୁ ଯାଇ ସୀତାଙ୍କୁ ରାମଙ୍କ ମୁଦ୍ରିକ ଦେଖାଇ ପରିଚୟ ଦେଇଥିଲେ। ଫଳ ବାଟିକାରେ ହନୁମାନଙ୍କ ଉପସ୍ଥିତି ଦେଖି ଅକ୍ଷୟ କୁମାର ଧରିବାକୁ ଯିବାରୁ ଯୁଦ୍ଧ ହୋଇଥିଲା। ହନୁମାନଙ୍କ ହାତରେ ଅକ୍ଷୟ କୁମାର ନିହତ ହୋଇଥିଲେ।ଏହାପରେ ଇନ୍ଦ୍ରଜିତ ହନୁମାନଙ୍କୁ ବ୍ରହ୍ମସ୍ତ୍ରରେ ବନ୍ଧନ କରିଥିଲେ। ହନୁମାନଙ୍କୁ ରାବଣଙ୍କ ସଭାରେ ଉପସ୍ଥିତ କରାଇ ଲାଙ୍ଗୁଡ଼ରେ ଅଗ୍ନି ସଂଯୋଗ କରିବାରୁ ହନୁମାନ ଲଙ୍କା ଦହନ କରିଥଲେ। ହନୁମାନ ରୁଷ୍ୟମୁଖ ପର୍ବତକୁ ଯାଇ ରାମଙ୍କୁ ସୀତାଙ୍କ ମଥାମଣି ଦେଇଥିଲେ। ଏହାପରେ ରାମଚନ୍ଦ୍ରଙ୍କ ସହିତ ବିଶାଳ ସେନା ଲଙ୍କାରେ ପ୍ରବେଶ କରିଥିଲେ। ଲଙ୍କାରେ ରାମ ଲକ୍ଷ୍ମଣଙ୍କ ପ୍ରବେଶକୁ ରୋକିବା ପାଇଁ ରାବଣଙ୍କ ସେନା ଯୁଦ୍ଧ କରିଥଲେ। ଭୀଷଣ ଯୁଦ୍ଧରେ ରାବଣର ବଛା ବଛା ଯୋଦ୍ଧା କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ତରଣିସେନ ଆଦି ନିହତ ହୋଇଥିଲେ। ରାମ ଓ ରାବଣଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା ଓ ରାବଣ ରାମଙ୍କ ହାତରେ ନିହତ ହୋଇଥିଲେ। ଯୁଦ୍ଧ ଶେଷ ହେଲାପରେ ରାମ, ଲକ୍ଷ୍ମଣ ଓ ସୀତା ସନ୍ୟବଳ ସହିତ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଅଯୋଧ୍ୟାବାସୀ ଶ୍ରୀ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥଲେ ଓ ମହର୍ଷି ବଶିଷ୍ଠ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ କରାଇଥିଲେ।ଏହି ବିଷୟବସ୍ତୁ ଉପରେ କଳାକାରମାନେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ପ୍ରାତଃରେ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟଭିଷେକ ପରେ ଶତାଧିକ ଅଞ୍ଚଳବାସୀ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପରେ ସୁନ୍ଦରଗଡର ପ୍ରତିଷ୍ଠିତ ଓକିଲ ମିତ୍ରଭାନୁ ପାଣିଗ୍ରାହୀଙ୍କ ପୁତ୍ରବଧୂ ସୁକାନ୍ତି ପାଣିଗ୍ରାହୀ ରାମଚନ୍ଦ୍ରଙ୍କୁ ମଣ୍ଡପରେ ଚାରିଡିସିମିଲ ଜମିର କାଗଜପତ୍ର ଦାନ ସୂତ୍ରରେ ପ୍ରଦାନ କରିଥିଲେ।

### କୋଇଡ଼ା ପ୍ରେସ୍ କ୍ଲବ ତରଫରୁ ଜଳଛତ୍ର

**ଟେନ୍‌ସା, ୧୪।୪(ଡି.ଏନ.ଏ.)**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ପାଇଁ ତାତି ବଢିବାରେ ଲାଗିଛି। ଫଳରେ ପ୍ରବଳ ଗୁଳୁଗୁଳି ଓ ଗରମ ଜାରି ରହିଛି। ଅସହ୍ୟ ତାତିକୁ ଲକ୍ଷ୍ୟ କରି ରାସ୍ତାର ପଥିକ ଓ ଆଖପାଖ ଅଞ୍ଚଳରୁ କୋଇଡ଼ା ଆସୁଥିବା ସାଧାରଣ ଲୋକଙ୍କ ପାନୀୟ ଜଳ କଷ୍ଟ ଦୂର କରିବା ପାଇଁ କୋଇଡା ପ୍ରେସ କ୍ଲବ ତରଫରୁ ଜଳଛତ୍ରର ପଦକ୍ଷେପ ନିଆଯାଇଛି। ଶୁକ୍ରବାର କୋଇଡା ମୁଖ୍ୟ ମାର୍କେଟ କମ୍ପ୍ଲେକ୍ସଠାରେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଜଳଛତ୍ରକୁ କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ସହ ଉପସ୍ଥିତ ଜନସାଧାରଣଙ୍କୁ ଦହିପଣା ବଣ୍ଟନ କରିଥିଲେ। କୋଇଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ବରିଷ୍ଠ ନାଗରିକ ଚକ୍ରଧର ନାୟକ, ଗୟାଧର ସ୍ୱାଇଁ, ମାଇକୁ ଜୟସ୍ୱାଲ, ଗଣେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପଥଚାରୀ, କୋଇଡା ଜନସାଧାରଣ ଦହିପଣାର ଆନନ୍ଦ ଉଠାଇଥିଲେ । କୋଇଡା 'ଖ' ଜିଲାପରିଷଦ ସଭ୍ୟ ଅଶୋକ ନାଏକ, କେନ୍ଦୁଝର ଜିଲା ବିଜେଡି ଉପସଭାପତି କୁଶ ଆପଟ କୋଇଡା ପ୍ରେସ କ୍ଲବର ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଆହୁରି ଅନେକ ସାମାଜିକ କାର୍ଯ୍ୟକ୍ରମକୁ ହାତକୁ ନେବା ସହିତ ପ୍ରତିଟି କ୍ଷେତ୍ରରେ ଅଞ୍ଚଳର ବିକାଶ ହିଁ ପ୍ରେସ କ୍ଲବର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ବରିଷ୍ଠ ସଦସ୍ୟମାନେ ସୂଚନା ଦେଇଥିଲେ।

# ପଣା ସଂକ୍ରାନ୍ତିରେ ପଣା ବଣ୍ଟନ


ବିଜୁ ଜନତା ଦଳ ମହିଳା ମୋର୍ଚ୍ଚା ପକ୍ଷରୁ ପଣା ବଣ୍ଟନ କରାଯାଉଛି।

**ରାଉରକେଲା ଅଫିସ,୧୪।୪**

ରାଉରକେଲା ସ୍ମାର୍ଟସିଟିରେ ଶୁକ୍ରବାର ଓଡିଆ ନବବର୍ଷ ଓ ପଣା ସଂକ୍ରାନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେଉଁଠାରେ ବେଲପଣା ତ ଆଉ କେଉଁଠି ଦହି ଏବଂ ମିଠା ସରବତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରବାସୀଙ୍କୁ ବଣ୍ଟନ କରାଯାଇଛି। ଏହାସହ ସକାଳୁ ସହରର ବିଭିନ୍ନ ମନ୍ଦିରମାନଙ୍କରେ ହନୁମାନଙ୍କ ପୂଜାପାଠ ସାଙ୍ଗକୁ ଭକ୍ତମାନଙ୍କ ପ୍ରବଳ ଭିଡ ଜମିଥିବା ପରିଲକ୍ଷିତ ହୋଇଥିଲା। ରାଉରକେଲା ସେକ୍ଟର-୧୮ ସ୍ଥିତ ଛକରେ ହ୍ୟୁମ୍ୟାନିଟି ଫାଉଣ୍ଡେଶନ ପକ୍ଷରୁ ଓ. ପି. ସିଂହ, ଅମୃତ ନୀଲମ ଏବଂ ଗ୍ରେସି ଡେଭିଡ, ଦୀପ୍ତି ସୁନ୍ଦରରାୟ, କଲ୍ୟାଣୀ ଦାଶ, ସୁରେଶ ନନ୍ଦ ପ୍ରମୁଖ ପଣା ବଣ୍ଟନ କରିଥିଲେ। ସେହିପରି ରାଉରକେଲା ସାରନା ଛକରେ ସହରର ଶିକ୍ଷକ ଶିକ୍ଷାର୍ଥୀ କଲ୍ୟାଣ ସଙ୍ଗଠନ ଆଭା-ଅନ୍ୱେଷ ତରଫରୁ ଦହିପଣା ବଣ୍ଟନ କରାଯାଇଥିଲା। ସଙ୍ଗଠନ ସଭାପତି ଆର୍ତ୍ତତ୍ରାଣ ଜେନା, ସମ୍ପାଦକ ତଥା ଅତିରିକ୍ତ ଶିକ୍ଷାଧିକାରୀ ଶରତ କୁମାର ପତି ଏବଂ ପୂର୍ବତନ ଅତିରିକ୍ତ ଶିକ୍ଷାଧିକାରୀ ଅନୀଲ କୁମାର ସାନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

# ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ଦିବସ ପାଳିତ

**ରାଉରକେଲା ଅଫିସ,୧୪।୪**

ଆର୍‌ଏସ୍‌ପି ପକ୍ଷରୁ ଶୁକ୍ରବାର ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆର୍‌ଏସ୍‌ପି ସେବା ବିଭାଗର ସେଣ୍ଟ୍ରାଲ ଫାୟାର ଷ୍ଟେଶନଠାରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ହୋତା, ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଅଶୋକ ଜଭାନିଆ, ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ଅଗ୍ନିଶମ ସେବା ବିଭାଗର ଜିଏମ୍ ଜେ. ବି ପଟ୍ଟନାୟକଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଭୌମିକ ଅଗ୍ନିଶମ ପତାକା ଉତ୍ତୋଳନ କରିଥିଲେ। ୧୯୯୪ରେ ତତ୍କାଳୀନ ବମ୍ବେ ଡକ୍‌ୟାର୍ଡରେ ଭୟାବହ ଅଗ୍ନିକାଣ୍ଡ କବଳରୁ ଧନଜୀବନ ରକ୍ଷା କରିବାକୁ ଯାଇ ପ୍ରାଣବଳି ଦେଇଥିବା ୬୬ଜଣ ଅଗ୍ନି ନିର୍ବାପନକାରୀଙ୍କୁ ସମ୍ମାନ ଜଣାଇ ଭୌମିକ ଓ ଅନ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭୌମିକ ଅଗ୍ନି ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିବା ସହିତ ଚଳିତବର୍ଷ ଅଗ୍ନିଶମ ଦିବସ ପାଳନ ସନ୍ଦର୍ଭରେ ଜାତୀୟ ଭିତ୍ତିଭୂମିର ଅଭିବୃଦ୍ଧି ଓ ସୁରକ୍ଷା ପାଇଁ ଅଗ୍ନିଶମ ସେବା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଦର୍ଶାଇଥିଲେ। ଡିଆଇସି ଅଗ୍ନି ପ୍ରତିରୋଧ ଆଧାରିତ ପୁସ୍ତିକା ଉନ୍ମୋଚନ କରିଥିଲେ। ପରେ ଅଗ୍ନିସୁରକ୍ଷା ବାହିନୀ ସହ ଅଗ୍ନିସୁରକ୍ଷା ସଚେତନତା ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କର୍ମଚାରୀଙ୍କୁ ଅଗ୍ନିଶମ ସେବା ଦିବସର ଶପଥପାଠ କରାଯାଇଥିଲା। ଅଗ୍ନିଶମ ବିଭାଗର ଏଜିଏମ୍ ଏମ୍. ଆଇ ସୋଙ୍ଗସାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅଗ୍ନିଶମ ସେବା ଦିବସ ଉପଲକ୍ଷେ ପୁସ୍ତିକା ଉନ୍ମୋଚନ କରାଯାଉଛି।

### ସାଇକେଲ ଜବତ, ୨ ଗିରଫ

**ରାଉରକେଲା ଅଫିସ,୧୪।୪**

ସାଇକେଲ ଚୋରି ଅଭିଯୋଗରେ ସେକ୍ଟର-୭ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୁନିଜ ପ୍ରଧାନ ଓରଫ ବିଟୁ ଓ ତ୍ରିଦେବ ଲୁହା ଓରଫ ନାନୁ। ସେମାନଙ୍କଠାରୁ ଚୋରି ସାଇକେଲକୁ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୫୮।୨୩) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ସେକ୍ଟର-୧୮ ର କୃତିଦୀପା ଗୁରୁବାର ସକାଳ ସାଢେ ୧୦ଟାରେ ଟ୍ୟୁଶନରୁ ଫେରି ଘର ଦୁଆର ମୁହଁରେ ତାଙ୍କ ସାଇକେଲ ରଖିଥିଲେ। ଅପରାହ୍ନ ସାଢେ ୨ଟାରେ ନାନୁ ଓ ବିଟୁ ତାଙ୍କ ଘର ପାଚେରି ଡେଇଁ ସାଇକେଲ ଚୋରି କରି ନେଇଥିଲେ।

# ଆଦର୍ଶ ଥାନା ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ


ଜଳଛତ୍ର ଫିତାକାଟି ଉଦ୍‌ଘାଟନ କରାଯାଉଛି।

**ଦେବଗଡ଼, ୧୪।୪(ଡି.ଏନ.ଏ.)**

ଦେବଗଡ଼ ଆଦର୍ଶ ଥାନା ପୋଲିସ ପକ୍ଷରୁ ଥାନା ସମ୍ମୁଖରେ ଶୁକ୍ରବାର ଏକ ଥଣ୍ଡା ପାନୀୟ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ଡିପିଓ ଅନିଲ କୁମାର ବେଉରିଆ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ଇନ୍ସପେକ୍ଟର ସରୋଜ କୁମାର ସେଠୀଙ୍କ ଉପସ୍ଥିତିରେ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଏହି ପାନୀୟଜଳଛତ୍ର ଖୋଲା ଯାଇଥିବା ବେଳେ ଏଠାରେ ଥଣ୍ଡା ପାଣି ଓ ସରବତ ମଧ ଉପଲବ୍ଧ ହେବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଆମ୍ବେଡ଼କର ଜୟନ୍ତୀରେ ଏସ୍‌ସି ମୋର୍ଚ୍ଚା ପକ୍ଷରୁ ଫଳ ବଣ୍ଟନ

**ଦେବଗଡ଼, ୧୪।୪(ଡି.ଏନ୍.ଏ)**

ମହାନ ଜନନାୟକ ସମ୍ବିଧାନ ପ୍ରଣେତା ଡା. ବାବାସାହେବ ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ଉପଲକ୍ଷେ ଦେବଗଡ଼ ଭାଜପା ଅନୁସୂଚିତ ଜାତି (ଏସ୍‌ସି)ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ଅଧକ୍ଷ ତଥା ପୌର ଉପାଧକ୍ଷ ପ୍ରଜିତ କୁମାର ଭୋଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ମୋର୍ଚ୍ଚାର ବହୁ ମହିଳା ଓ ପୁରୁଷ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ବୁଲି ରୋଗୀ ଓ ସମ୍ପର୍କୀୟଙ୍କୁ ଫଳ ବାଣ୍ଟିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାବିତ୍ରୀ ଭୋଜ, କାଉନସିଲର ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, ଏସ୍‌ସି ମୋର୍ଚ୍ଚା ସମ୍ପାଦକ ଦେବାନନ୍ଦ ନାୟକ, ମକାର୍ଦ୍ଧଜ ହସ୍ତୀ, ପଙ୍କଜ ପାତ୍ରଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ସାମିଲ ଥିଲେ।



ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତା।

# କୁସଂସ୍କାରମୁକ୍ତ ସମାଜ ଗଠନରେ ସହଭାଗୀ ହେବାକୁ ପରାମର୍ଶ

## ଆର୍‌ଏସ୍‌ପିରେ ଆମ୍ବେଡ଼କର ଜୟନ୍ତୀ

**ରାଉରକେଲା ଅଫିସ,୧୪।୪**

ଆରଏସପି ଓ ସେଲ ଅନୁସୂଚିତ ଜାତି, ଜନଜାତି କର୍ମଚାରୀ ସଂଘ ଆନୁକୂଲ୍ୟରେ ଡଃ ଆମ୍ବେଡ଼କରଙ୍କର ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏ ନେଇ ଶୁକ୍ରବାର ପୂର୍ବାହ୍ନରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ବାବା ସାହେବଙ୍କ ନୂତନ ପ୍ରତିମୂର୍ତ୍ତି ଏବଂ ଏନ୍‌କ୍ଲେଭର ଉଦ୍‌ଘାଟନ କରିଥିଲେ। ସମାରୋହରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ସମାଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ହୋତାଙ୍କ ସମେତ କାରାଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସେଲ୍ ଅନୁସୂଚିତ ଜାତି, ଜନଜାତି କର୍ମଚାରୀ ସଂଘ ପ୍ରତିନିଧିମାନେ ସାମିଲ ହୋଇଥିଲେ। ପରେ ସିଭିକ ସେଣ୍ଟରରେ ଏକ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଓ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ଆସୋସିଏଟ୍ ପ୍ରଫେସର ଡାକ୍ତର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଆରଏସପିର ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ଅନ୍ୟ ବରିଷ୍ଠ ଅଧିକାରୀ, ସେଲ ଅନୁସୂଚିତ ଜାତି, ଜନଜାତି କର୍ମଚାରୀ ସଂଘର ବହୁ ସଦସ୍ୟ, ଛାତ୍ରୀଛାତ୍ର ତଥା ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ନ୍ୟାୟ, ସମାନତା ଓ ମାନବିକ ସମ୍ମାନର ଆଦର୍ଶ ପାଇଁ ଡାକ୍ତର ଆମ୍ବେଡ଼କରଙ୍କ ସଂଗ୍ରାମ ବିଷୟରେ ବର୍ଣ୍ଣନା କରିଥିଲେ। ଆମ୍ବେଡ଼କରଙ୍କ ଆଦର୍ଶକୁ ଅନୁପାଳନ କରି ସମସ୍ତେ କୁସଂସ୍କାର ଓ ଭେଦଭାବ ମୁକ୍ତ ସୁସ୍ଥ ସମାଜ ଗଠନରେ ସହଭାଗୀ ହେବା ଆବଶ୍ୟକ ବୋଲି ଭୌମିକ କହିଥିଲେ। ପରେ ପି. କେ ମଲ୍ଲିକ ଆମ୍ବେଡକରଙ୍କ ଆଦର୍ଶ ଓ ଦର୍ଶନ ବିଷୟରେ ଉଲ୍ଲେଖ କରିଥିଲେ। ଚିନ୍ମୟ ଇଂରାଜୀ ମାଧମ ବିଦ୍ୟାଳୟ, ଛେଣ୍ଡର ରିଦ୍ଧିମା ପାଣିଗ୍ରାହୀ ଏବଂ ବୈଷ୍ଣବୀ ଷଡଙ୍ଗୀ ଆମ୍ବେଡକରଙ୍କ ଜୀବନୀ ଓ ଆଦର୍ଶ ଇତିହାସର ସ୍ମୃତିଚାରଣ କରିଥିଲେ। ଏହାପରେ ମୁଖ୍ୟଅତିଥି ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଆରଏସପି କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନଙ୍କୁ ବାବା ସାହେବଙ୍କ ଫଟୋ ଓ ତାଙ୍କ ରଚିତ ପୁସ୍ତକ ପ୍ରଦାନ କରାଯାଇଥିଲା। ସହର କାର୍ମିକ ଓ ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ବିରେନ୍ଦ୍ର କୁଲ୍ଲୁ ସ୍ୱାଗତ ଜଣାଇଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକମରେ ଓଡିଶୀ, କଥକ ଓ ଜନଜାତି ନୃତ୍ୟ ସହ ଆମ୍ବେଡ଼କରଙ୍କ ଜୀବନୀ ଆଧାରିତ ନାଟକ ମଞ୍ଚସ୍ଥ ହୋଇଥିଲା। ସୁଶ୍ରୀ ମୋନାଲିସା ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ କାର୍ମିକ ସହର ଓ ମେଡିକାଲ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ. ସି. ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଉଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର



ନୂଆପଡ଼ା ଅଫିସ,୧୪।୪: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପୋଏଁର କଲୋନୀପଡାଠାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୋମନା ଗାଁର ମନବୋଧ ଘିବେଲା (୪୬) ଓ ଅନ୍ୟ ଜଣେ କୋମନା ଗାଁର ଯୁବକ ବିକାଶ ଦୁରିଆ। ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ମହୁଲଭଟା ପଟରୁ କୋମନାକୁ ଏକ ସ୍କୁଟି (ନଂ.ଓଡି୨୬ଇ-୨୧୮୧)ରେ ମନବୋଧ ଓ ବିକାଶ ଆସୁଥିଲେ। ପୋଏଁର ଗାଁ କଲୋନୀପଡାଠାରେ ଗୋଲେଇ ରାସ୍ତାରେ ଏକ କାରକୁ ସାଇଡ ଦେବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡରେ ପୋତାଯାଇଥିବା ସିମେଣ୍ଟ ଖୁଣ୍ଟରେ ପିଟିହୋଇ ଛିଟିକି ପଡିଥିଲେ। କୋମନା ଅଗ୍ନିଶମ ବିଭାଗ ଖବର ପାଇ ଘଟଣା ସ୍ଥଳରୁ ୨ଜଣଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମନବୋଧଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅତି ଗୁରୁତର ହେବାରୁ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମନବୋଧ ବିଜୁ ଯୁବ ଜନତା ଦଳ ଜିଲା ଉପସଭାପତି ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୋମନା ତଥା ଜିଲାରେ ଶୋକର ଛାୟା ଖେଳିଯାଇଛି।

### ନାମଯଜ୍ଞ ପାଇଁ ବିଶାଳ କଳସ ଶୋଭାଯାତ୍ରା

ବୋଡେନ,୧୪।୪(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ଫରସରା ପଞ୍ଚାୟତ ବୁଢିପଦର ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ପାଇଁ ବିଶାଳ କଳସ ଯାତ୍ରା ସହ ଆରମ୍ଭ ହୋଇଯାଇଛି। ବୁଢ଼ୀପଦର ସହ ଫରସରା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ମହିଳା ପ୍ରାୟ ୧୦ କି.ମି. ଦୂର ତୀର୍ଥକ୍ଷେତ୍ର ପାତାଳଗଙ୍ଗାରୁ କଳସ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ୧୦ କି.ମି. ଯାତ୍ରା ପରେ ବୁଢ଼ୀପଦର ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ସହ ନାମଯଜ୍ଞର ଶୁଭାରମ୍ଭ ହୋଇଛି। ନାମଯଜ୍ଞରେ ଧନସିଂ ଧରୁଆ ଓ ସୁମିତ୍ରା ଧରୁଆ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ଦିଗାମ୍ବର ଖମାରୀ ଓ ସାଥୀ ପୂଜକ ଭାବେ ନିମନ୍ତ୍ରିତ ହୋଇଛନ୍ତି। ନାମଯଜ୍ଞ ପରିଚାଳନା କମିଟି ସଭାପତି ଯୁଗଳ ଲୁହାର, ଉପ ସଭାପତି ଟିକେଲାଲ ମାଝି, ସମ୍ପାଦକ କିଶୋର ନାଗ, କୋଷାଧ୍ୟକ୍ଷ ଅଶୋକ ମାଝି ଓ ଡିଗ୍ରେସନ୍ ସା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ତଥା ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ଓ ଶୁକ୍ରବାର ଅଖଣ୍ଡ ନାମସଂକିର୍ତ୍ତନ ସହ ହବନ ସହ ଶନିବାର ପୂର୍ଣ୍ଣାହୂତୀ ପରେ ନାମଯଜ୍ଞ ଉଦ୍‌ଯାପିତ ହେବାକୁ ଥିବା ଯଜ୍ଞ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

### ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ଆଲୋଚନାଚକ୍ର, ବିଦାୟ ସମ୍ବର୍ଦ୍ଧନା

ଖଡ଼ିଆଳ,୧୪।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ପ୍ରକୃତିବାଦୀ ଏବଂ ବାସ୍ତବବାଦୀ ଶିକ୍ଷା ପ୍ରକ୍ରିୟାର ଏକ ତୁଳନାତ୍ମକ ଆଲୋଚନାଚକ୍ର ଅଧକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ପ୍ରଦୀପ କୁମାର ବେହେରା ବିଷୟ ବସ୍ତୁ ଉପରେ ଆଲୋଚନା କରିବା ସହ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟଅତିଥି ରାଜନୀତି ବିଜ୍ଞାନ ପ୍ରାଧାପକ ଡ଼ ପଦ୍ମଲୋଚନ ବର୍ମା ଏବଂ ଅନ୍ୟତମ ଅତିଥି ଶିକ୍ଷା ବିଭାଗ ଅଧାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ବିଷୟବସ୍ତୁ ଉପରେ ସବିଶେଷ ଆଲୋଚନା କରିବା ସହ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶୁଭକାମନା ଜଣାଇଥିଲେ। ୨ୟ ବର୍ଷର ଛାତ୍ରୀ ସୁଶ୍ରୀ ମୋନାଲି ଖୁଣ୍ଟିଆ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ ଦୁର୍ଲଭି ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରିଥିଲେ।

# ଜିଲା ଦଳିତ ସମାଜ ପକ୍ଷରୁ ବିଶାଳ ଶୋଭାଯାତ୍ରା

ବଲାଙ୍ଗୀର ଅଫିସ,୧୪।୪



ବଲାଙ୍ଗୀର ଜିଲା ଦଳିତ ସମାଜ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା।

ବଲାଙ୍ଗୀର ଜିଲା ଦଳିତ ସମାଜ ପକ୍ଷରୁ ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଡ଼କରଙ୍କ ୧୩୨ତମ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ବଲାଙ୍ଗୀର ସହର କୋଶଳ କଳାମଣ୍ଡଳ ପଡିଆରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଭାଗିରଥି ଛକ, ପିପି ଏକାଡେମୀ ଛକ, ବିକ୍ରମ ଛକ, ଡେଲିମାର୍କେଟ, ସମଲେଶ୍ୱରୀ ମନ୍ଦିର ଛକ, ପାଟଣେଶ୍ୱରୀ ମନ୍ଦିର, ମହାଦେବ ମନ୍ଦିର ଛକ, ପାଟଣା ହୋଟେଲ ଛକ ଓ ସରକାରୀ ବସଷ୍ଟାଣ୍ଡ ଦେଇ କଚେରୀ ଛକରେ ପହଞ୍ଚିଥିଲା। ସେଠାର ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ ଦୁଇଯୋଡି ଗଣ୍ଡବଜା, ଆଦିବାସୀ ଢକା ନୃତ୍ୟ ଓ ଡିଜେ ସାମିଲ ହୋଇଥିଲା। ଶୋଭାଯାତ୍ରାରେ ସାମିଲ ଥିବା ମହିଳା ଓ ପୁରୁଷ ଜୟଭୀମ ନାରାରେ ସହର ପ୍ରକମ୍ପିତ କରିଥିଲେ। ଶୋଭାଯାତ୍ରା ପରେ ଟାଉନ ହଲଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଜିଲା ଦଳିତ ସମାଜ ସଭାପତି କୁନା ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ

**ବି. ଆର. ଆମ୍ବେଡକରଙ୍କ ୧୩୨ତମ ଜୟନ୍ତୀ**

କାଉନସିଲର ଶମ୍ଭୁ ନାଗ, ଶିକ୍ଷାବିତ ନେପାଳ ଚନ୍ଦ୍ର ବାଗ , ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମୁଗ୍ରୀ ଓ ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ସଭାନେତ୍ରୀ ସବିତା ନନ୍ଦ ମଞ୍ଚାସୀନ ହୋଇଥିଲେ। ସଭାରେ ରଘୁନାଥ ମୁଗ୍ରୀ ଓ ଦ୍ରୋଣ କୁମ୍ଭାର ମତାମତ ରଖିଥିଲେ। ବାବାସାହେବ ଏକ ସମତା ଭିତ୍ତିକ ସମାଜର ସ୍ୱପ୍ନ ଦେଖିଥିଲେ। ସାମ୍ପ୍ରତିକ ସମୟରେ ସମ୍ବିଧାନ ପ୍ରତି ବିପଦ ଦେଖାଦେଇଛି। ତେଣୁ ସମ୍ବିଧାନର ସୁରକ୍ଷା ପ୍ରତିଟି ନାଗରିକଙ୍କ କର୍ତ୍ତବ୍ୟ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୋଭାଯାତ୍ରାରେ ଗୋଣ୍ଡୱାନା ଗୋଣ୍ଡ ସମାଜର ମୀନକେତନ ମାଝି ଓ ଗଣେଶ ମାଝିଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଜୟ ବାରିକ, କାଉନସିଲର କିଶୋର କୁମ୍ଭାର, ଭୁବନ ନାଗ, ସୂର୍ଯ୍ୟମଣି ସୁନା, ଦିନେଶ ନାଗ, ଲଳିତା ଦୀପ, କଳ୍ପନା ବିହାରୀ, ସୁଶିଲ ହରପାଲ, ରଞ୍ଜନ, ସୁନୀଲ ମୁଗ୍ରୀ, ରଶ୍ମି ରଞ୍ଜନ ବାଗ, ତ୍ରିଲୋଚନ ନନ୍ଦ, ନଳିନ ଦୀପ, ଦେବରାଜ ମହାନନ୍ଦ, ତରଣୀସେ ଦୀପ, ମଙ୍ଗଲୁ ତାଣ୍ଡି, ସୁଜିତ ଦୀପ, ନେପାଳ ବାଗ, ମନୋଜ ଦୀପ ଓ ଅମିନ୍ଦ୍ର ମେହେର ସହଯୋଗ କରିଥିଲେ।

# ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀରେ ଶୋଭାଯାତ୍ରା

ସିନାପାଲି,୧୪।୪(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲିଠାରେ ପବିତ୍ର ପଣାସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ହନୁମାନ ଜୟନ୍ତୀ ପାଳନ ସମିତି ଏବଂ ବଜରଙ୍ଗ ଦଳର ଆହ୍ୱାନରେ ଶୁକ୍ରବାର ସନ୍ଧ୍ୟାରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ହନୁମାନ ମନ୍ଦିରଠାରୁ ବାହାରି ଗାନ୍ଧି ନଗର, ନାକାଛକ, ଜଗନ୍ନାଥ ଛକ, ରାବଣ ଛକ, ଗାୟତ୍ରୀ ଛକ, ଶ୍ରୀରାମ ଛକ, ଗୁ ଛକ, ବସଷ୍ଟାଣ୍ଡ ଦେଇ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସହରର ପ୍ରାୟ ସମସ୍ତ ଯୁବକ ସଂଘ, ମନ୍ଦିର କମିଟି ଓ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସମେତ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ଉଭୟ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଝାଜାମସେଦପୁରରୁ ଆସିଥିବା ବିରାଟ ହନୁମାନ ବେଶଧାରୀ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ଏବଂ ଅନ୍ୟ ଶିଶୁକଳାକାରଙ୍କ ପାରମ୍ପରିକ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ସଜ୍ଜିତ ହୋଇଥିଲେ। ଏହା ପୂର୍ବରୁ ସକାଳେ ସ୍ଥାନୀୟ ହନୁମାନ ମନ୍ଦିରରେ ସାମୁହିକ ପୂଜା ଓ ହନୁମାନ ଚାଳିଶା ପାଠ ପରେ ସମିତି ପକ୍ଷରୁ ସହର ବିଭିନ୍ନ ଛକରେ ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ବୈଶମ୍ପାୟନ ମେହେର, ନୀଳମଣି ମେହେର, ଲିଙ୍ଗରାଜ ଘିଭେଲା, ଡମ୍ବରୁଧର ମେହେର, ସୁବ୍ରତ ଠାକୁର, ତୁଳସୀରାମ ମେହେର, ମୋହନ ଦାସ ପ୍ରମୁଖଙ୍କ ସହ ଅଞ୍ଚଳର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ଶୋଭାଯାତ୍ରା ଆୟୋଜନରେ ସମିତି ସଭାପତି ସୂରଜ ମେହେର, ଉପସଭାପତି ରଶ୍ମିରଞ୍ଜନ ସା, ସମ୍ପାଦକ ଆଲୋକ ମେହେର, ସହସମ୍ପାଦକ ଜିତେନ୍ଦ୍ର ମେହେର, କୋଷାଧକ୍ଷ ପ୍ରଭାତ ମେହେର ପ୍ରମୁଖଙ୍କ ସହ ଅଞ୍ଚଳର ସମସ୍ତ ଯୁବକ ସଂଘ ସହଯୋଗ କରିଥିଲେ।

# ହନୁମାନ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା



ବଲାଙ୍ଗୀର ସହରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଳିତ ରାଲି ପରିକ୍ରମା କରୁଛି।

ବଲାଙ୍ଗୀର ଅଫିସ, ୧୪।୪

ହନୁମାନ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ସହରରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଏହି ଶୋଭାଯାତ୍ରାରେ ବିଭିନ୍ନ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ରାଲି ବାହାରି କଳାମଣ୍ଡଳ ରୋଡ ଦେଇ ପିପି ଏକାଡେମୀ, ବିକ୍ରମ ଛକ, ଡେଲିମାର୍କେଟ୍, ସମଲେଶ୍ୱରୀ ମନ୍ଦିର, ମେନ୍ ମାର୍କେଟ ଦେଇ ପୁଣି କୋଶଳ କଳା ମଣ୍ଡଳ ପଡିଆକୁ ଫେରିଥିଲା । ମହିଳା ଓ ପୁରୁଷ ପତାକା ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟଶ୍ରୀ ରାମ, ଜୟ ହନୁମାନ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଥିବା ହନୁମାନ ଜୟନ୍ତୀ କମିଟି ପକ୍ଷରୁ ଏହି ଶୋଭାଯାତ୍ରା ଦଳକୁ ସ୍ୱାଗତ କରାଯାଇଥିଲା। ବହୁ ଯୁବକ ନିଜକୁ ହନୁମାନ ବେଶରେ ସଜାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# କିଡ୍‌ନୀ ରୋଗରେ ଆକ୍ରାନ୍ତ ସରଗାଦି ଗାଁ

ଖଡ଼ିଆଳ,୧୪।୪(ଡି.ଏନ.ଏ.)



ସରଗାଦି ଗ୍ରାମର ଜଣେ କିଡ୍‌ନୀ ରୋଗୀ।

■ ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ
■ ୫୦ରୁ ଅଧିକ ମୃତ୍ୟୁସହ ସଂଗ୍ରାମ

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରିଷିଗାଁ ପଞ୍ଚାୟତ ସରଗାଦି ଗ୍ରାମରେ କିଡ୍‌ନୀ ରୋଗରେ ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ତ୍ତମାନ ୫୦ରୁ ଅଧିକ ଲୋକ ଏହି ରୋଗରେ ପଡି ମୃତ୍ୟୁସହ ସଂଗ୍ରାମ କରୁଥିବା ଜଣାପଡ଼ିଛି। କାହା ଘରେ ସ୍ୱାମୀ ସ୍ତ୍ରୀ ତ କାହା ଘରେ ବାପ ପୁଅ ପୁଣି କାହା ଘରେ ଭାଇ ଭାଇ ଏହି ରୋଗରେ ପଡିଛନ୍ତି। ଗ୍ରାମରେ ବ୍ୟାପୁଥିବା ଏହି ରୋଗର ପ୍ରକୃତ କାରଣ ଜଣାପଡିନାହିଁ। ହେଲେ ଗ୍ରାମକୁ ଯୋଗାଣ ହେଉଥିବା ପାଣି ପ୍ରଦୂଷିତ ଥିବାରୁ ଏହି ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଜଣଙ୍କ ପରେ ଜଣଙ୍କୁ ବ୍ୟାପିବାରେ ଲାଗିଛି କିଡ୍‌ନୀ ରୋଗ। ଟଙ୍କା ଅଭାବରୁ ରୋଗର ଚିକିତ୍ସା କରି ନ ପାରି ମୃତ୍ୟୁମୁଖରେ ପଡୁଛନ୍ତି ଲୋକେ। ଗ୍ରାମର ସଙ୍ଗୀତା ବାଗଙ୍କ ଶ୍ୱଶୁର, ଦେଢ଼ ଶ୍ୱଶୁର ଓ ସ୍ୱାମୀ ଏହି ରୋଗରେ ମୃତ୍ୟୁବରଣ କରିଥିବାରୁ ବର୍ତ୍ତମାନ ପରିବାର ଲୋକେ ସମସ୍ୟାରେ ଚଳୁଛନ୍ତି। ଘର ମୁରବୀମାନେ ମୃତ୍ୟୁବରଣ କରିବା ଓ ଚିକିତ୍ସା ପାଇଁ ଘର ଯାବତୀୟ ଜିନିଷ, ଜମିବାଡ଼ି ବିକିବାକୁ ପଡୁଥିବାରୁ ଲୋକେ ଅଭାବ ଅସୁବିଧାରେ ଚଳିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ ଏହି ପାଣି ବିଶୁଦ୍ଧ ନ ଥିବା ଅଭିଯୋଗ କରୁଛନ୍ତି ଲୋକେ। ଯଥାଶିଘ୍ର ତିଖାଲି ଡ୍ୟାମରୁ ମେଗା ଜଳ ସେଚନ ପ୍ରକଳ୍ପରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସ୍ଥାନୀୟ ସରପଞ୍ଚ ବିରଞ୍ଚି ନାଗଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି। ବର୍ତ୍ତମାନ ଗ୍ରାମର ଉର୍ମିଳା ବାଗ, ସାମନ୍ତ ବାଗ, କୁନ୍ତୀ ବାଗ, ରାଧେଶ୍ୟାମ ବାଗ, କ୍ଷ୍ୟମାନନ୍ଦ ମହନନ୍ଦ, ଗିରିଧାରୀ ଠେଲା, ହୃଦ ଶବର, ହୃଷୀ ଘିଭେଲା, ଧୀର ଦୁର୍ଗା, ସୁବିନ୍ଦ୍ର ଦୁର୍ଗା, ପ୍ରଶ୍ନ ବାଗ, ଘନଶ୍ୟାମ ଦୁର୍ଗା, ପୁନୁ ଦୁର୍ଗା, ଚୈତ ରାମ ବାଗ, ଶମ୍ଭୁ ବାଗ ଆକ୍ରାନ୍ତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପ୍ରଶାସନ ଯଦି ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସହାୟତା ନ ଯୋଗାଇଲେ ଆଗାମୀ ଦିନରେ ଦୁଃଖ ଦି ଗୁଣିତ ହେବ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କୁ ପଚାରିବାରୁ ସେହି ଗ୍ରାମରେ କ୍ୟାମ୍ପ କରି ରୋଗର କାରଣ ଅନୁଧ୍ୟାନ କରାଯିବ ଓ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ଆମ୍ବେଡ୍‌କର ଜୟନ୍ତୀ ପାଳିତ

ମୁରିବାହାଲ,୧୪।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗଂରେଇ ବି.ଆର. ଆମ୍ବେଦକର ହାଇସ୍କୁଲରେ ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ମନୋହର ବାଗଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପାର ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ହଂସରାଜ ଜୈନ, ଭାଜପାର ରାଜ୍ୟ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ଦାସ, ଗୋଇମୁଣ୍ଡା ସରପଞ୍ଚ କାଳିଆ ସରାଫ, କୈଶପ ସରାଫ, ଶିକ୍ଷକ ମିତ୍ରଭାନୁ ମେହେର, କୃଷ୍ଣ ମୋହନ ସାହୁ ପ୍ରମୁଖ ଉପସ୍ଥିତ ରହି ଭାରତ ରତ୍ନ ବାବା ସାହେବ ଆମ୍ବେଡକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ଘନଶ୍ୟାମ ଖମାରି ଉପସ୍ଥିତ ରହି ଆମ୍ବେଡକରଙ୍କ ଜୀବନୀ , ସମାଜ ପାଇଁ ତ୍ୟାଗ ଉପରେ କହିଥିଲେ। ବିଦ୍ୟାଧର ବାଗ, ଧର୍ମୁ ବାଗ, ବସନ୍ତ ବାଗ. କେଶବ ବଛା, ବାଲ୍ମୀକି ଚରଣ ସାହୁ, ଗକୁଳ ନାଗ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ଶିକ୍ଷକ ପରାଶର ଲୁହା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତରୁଣ ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଉପରେ ଗର୍ତ୍ତ, ଯାତାୟାତରେ ବାଧା

ଖଡ଼ିଆଳ,୧୪।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟାଠାରେ ଥିବା ସିନାପାଲି ପିଡବ୍ଲୁଡିରୁ ସୁନାରିସିକୁଆ ପ୍ରଧାନମନ୍ତ୍ରୀ ରାସ୍ତା ଉପରେ ୩ଟି ବଡଗର୍ତ୍ତ ହୋଇଥିବାରୁ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ସୁନାରିସୀକୁଆ ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୧ରେ ମେଗା ଜଳ ଯୋଗଣ ପ୍ରକଳ୍ପ ଜରିଆରେ ଜଳ ଯୋଗାଣ ପାଇଁ ପାଇପ ପୋତା ଯାଇଥିଲା। ହେଲେ ସେତେବେଳେ ବିଭାଗ ପକ୍ଷରୁ ପାଇପ ପୋତିବା ପରେ ସୁନାରିସୀକୁଆ ରାସ୍ତା ୩ଟି ପଡାକୁ ପାଇପ ଜଳ ଯୋଗାଣ କରାଯାଇଛି। ହେଲେ ପାଇପ ପୋତିବା ପରେ ବିଭାଗ ରାସ୍ତାରେ ଉପରେ ଥିବା ତିନୋଟି ଖାଲକୁ ଦୀର୍ଘ ଦିନ ହେଲା ପୋତିନାହାନ୍ତି। ସେହିଗୁଡିକ ବର୍ତ୍ତମାନ ଏକ ଫୁଟରୁ ଅଧିକ ଗର୍ତ୍ତ ହୋଇ ରହିଛି। ଫଳରେ ପ୍ରତ୍ୟେକ ଦିନ ସୁନାରିସୀକୁଆ ପଞ୍ଚାୟତ ଜନସାଧାରଣ ସହିତ ସେହି ଗ୍ରାମ ଉପରେ ନିର୍ଭର କରୁଥିବା ଅନ୍ୟ ଲୋକ ମଧ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ସିନାପାଲି ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ଅବଗତ କରିବାରୁ କାଲି ତାର ସୁବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଲାଞ୍ଜିଗଡ଼,୧୪।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡଠାରେ ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି। ଏଥିରେ କର୍ତ୍ତା ଭାବେ ଯୁଧିଷ୍ଠିର ପାତ୍ର ଓ ରଶ୍ମିତା ପାତ୍ର, ସହକର୍ତ୍ତା ଭାବେ ସନ୍ତୋଷ ଦଣ୍ଡସେନା ଓ ସରିତା ଦଣ୍ଡସେନା ଦାୟିତ୍ୱ ତୁଲାଉଥିବାବେଳେ ପୂଜକ ଭାବେ ପଣ୍ଡିତ କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଆଜାମ୍ବିଳ ମିଶ୍ର, ପଣ୍ଡିତ କାଳେଶର ପାଢ଼ୀ, ପଣ୍ଡିତ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପଣ୍ଡିତ ରଶ୍ମୀତ କୁମାର ପାଢ଼ୀ, ପଣ୍ଡିତ ତରଣୀସେନ ରଥ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।

# ଅଜଣା ରୋଗରେ ପୀଡ଼ିତ ଗୌରାଙ୍ଗଙ୍କ ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ସହାୟତା

ଖଡ଼ିଆଳ,୧୪।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତ ଘରଧରା ଗ୍ରାମର ଅଜଣା ରୋଗରେ ପୀଡିତ ଗୋରାଙ୍ଗ ଶବରଙ୍କୁ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛି ପ୍ରଶାସନ। ଗୌରାଙ୍ଗ ଦୁଇ ବର୍ଷ ହେବ ଅଜଣା ରୋଗରେ ପଡ଼ି ଶଯ୍ୟାଶାୟୀ ହୋଇଥିବା ବେଳେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ ପାଇଁ ସ୍ତ୍ରୀ ରେମତି ୬ ହେବ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଫଳରେ ଅଜଣା ରୋଗରେ ପୀଡିତ ସ୍ୱାମୀ ଚିକିତ୍ସା ନ ପାଇ ଦୟନୀୟ ଅବସ୍ଥାରେ ଘରେ ପଡିଥିବା ବେଳେ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ଗୋଟିଏ ମାସର ବିଭିନ୍ନ ଖାଉଟି ସାମଗ୍ରୀ ଯୋଗାଇ ଦେବା ସହିତ ଏ ନେଇ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କ ନିର୍ଦ୍ଦେଶକ୍ରମେ ଗୋରାଙ୍ଗଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ବ୍ୟବସ୍ଥା କରିବାକୁ ଡାକ୍ତର ଅନ୍ନଦା ଶଙ୍କର ଦାଶଙ୍କୁ ଗୌରାଙ୍ଗ ସବରଙ୍କ ପାଖକୁ ପଠାଇଥିଲେ। ଖଡ଼ିଆଳ ଉପାଧକ୍ଷ ଗୌତମ ତାଣ୍ଡି ନେତୃତ୍ୱରେ ଡାକ୍ତର ଦଳ ସହିତ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ତାଙ୍କର ସମସ୍ତ ପରୀକ୍ଷା କରାଯିବା ସହ ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଡାକ୍ତର ରାଉତ ପ୍ରକାଶ କରିଥିଲେ।



ଅଜଣା ରୋଗରେ ପୀଡିତ ଗୋରାଙ୍ଗଙ୍କୁ ଡାକ୍ତର ଦେଖୁଛନ୍ତି।

# ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାର ହେବାକୁ ଆହ୍ୱାନ

ଭବାନୀପାଟଣା/ଲାଞ୍ଜିଗଡ଼/ଜୁନାଗଡ଼, ୧୪।୪(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଶୁକ୍ରବାର ଡ. ବି ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତିସଭା, ଆଲୋଚନାଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସଭା ମୁଖ୍ୟ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ, ପୌରାଧକ୍ଷା ସଂଯୁକ୍ତା ବେହେରା ଓ ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଡ. ଆମ୍ବେଦକରଙ୍କର ଆଦର୍ଶ ଓ ଜୀବନୀକୁ ପାଠ କରି ଆଗାମୀ ପିଢ଼ି ଏକ ସଶକ୍ତ, ବଳିଷ୍ଠ ଗଣତନ୍ତ୍ରରେ ଭାରତବର୍ଷକୁ ଦେଖିବା ଓ ସମସ୍ତେ ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାର ହେବାକୁ ଅତିଥି ଆହ୍ୱାନ ଦେଇଥିଲେ। ନକଟିଗୁଡା ଛକସ୍ଥିତ, ରେଲୱେ ଷ୍ଟେଶନ ଛକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ପୂଜା କରାଯାଇଥିଲା। ଏହି ଉପଲକ୍ଷେ ମହାବିଦ୍ୟାଳୟସ୍ତର ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ। ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ, ଲାଞ୍ଜିଗଡ଼ ବ୍ଲକ ଶାଖା ସଭାପତି ଜଗଦୀଶ ବେନିଆଁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହରିଶଙ୍କର ପାତ୍ର, ପୋଲିସ ଅଧିକାରୀ ବୁଦ୍ଧରାମ ମାଝି, ଫେଡେରେସନର ବ୍ଲକ କାର୍ଯ୍ୟକାରୀ ସଭାପତି ହରିହର କୁମାର, ବ୍ଲକ ଯୁବ ସଭାପତି ସୁବାସ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଶ୍ୱନାଥପୁର ପୋଲିସ ପକ୍ଷରୁ ଏଏସଆଇ ବୁଦ୍ଧରାମ ମାଝି, ଏଏସଆଇ ବୁଦ୍ଧେଶ୍ୟାମ ମାଝୀଙ୍କ ନେତୃତ୍ୱରେ ପୋଲିସ ବାହିନୀ ନିୟୋଜିତ ଥିଲେ।



ଭବାନୀପାଟଣରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ଆମ୍ବେଡ୍‌କରଙ୍କ ଜୟନ୍ତୀ**

ଜୁନାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ଆମ୍ବେଦକର ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ବାଇକ୍ ଶୋଭଯାତ୍ରା ହୋଇଥିଲା। ଲାଲବାହାଦୂର କ୍ଲବ ପ୍ରାଙ୍ଗଣରେ ଆୟୋଜିତ ସଭାରେ ନଗର ସଭାପତି ରଞ୍ଜନ ଜାଲ ସଭାପତିତ୍ୱ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ଯତୀନ୍ଦ୍ର କର ବାବାସାହେବଙ୍କ ଆଦର୍ଶ ଉପରେ ଉଦବୋଧନ ଦେଇଥିଲେ। ସେହିପରି ପ୍ରମୁଖ କର୍ମକର୍ତ୍ତା ବିଶ୍ୱନାଥ କର, ପାରିଷଦ ହିମାଦ୍ରୀ ସିନ୍ଧୁର ପ୍ରମୁଖ ବାବା ସାହେବଙ୍କ ଦିଗଦର୍ଶନ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନ ବ୍ଲକ ସଭାପତି ମହାଦେବ ବାଗ, ଚିତ୍ତରଞ୍ଜନ ନିଆଲ, ସମିତି ସଭ୍ୟା କଞ୍ଚନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକର ବଣ୍ଡାକୁଟ୍ରା ଛକଠାରେ ଅପରାହ୍ନରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି।

## ଆମ୍ବେଦକର ଜୟନ୍ତୀ ପାଳିତ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ଡୁଙ୍ଗୁରିପାଲି ଏସିଏସଟି ଷ୍କୁଲ ପରିସରରେ ଶୁକ୍ରବାର ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି.ଆର. ଆମ୍ବେଦକର ଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ସଭାପତି କିଶନ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପବିତ୍ର ମୋହନ ପାଣ୍ଡିଆ, ବନମାଳୀ ପୋଡ଼, ପ୍ରକାଶ ହାତୀ, ଦଳିତ ନେତା ମୁଖ୍ୟବକ୍ତା ଚଉତୁରା ଦୀପ, ପ୍ରେମୀଚନ୍ଦ୍ର ଦୀପ ମଞ୍ଚାସୀନ ଥିଲେ । ଅତିଥିମାନେ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

## କଟାପାଲି ସମିତି ସଭ୍ୟ ଉପ ନିର୍ବାଚନ: ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ନିବେଦନ

ତରଭା,୧୪।୪(ଡି.ଏନ.ଏ.)

ଆସନ୍ତା ୨ ତାରିଖରେ ତରଭା ବ୍ଲକ କଟାପାଲି ପଞ୍ଚାୟତରେ ସମିତି ସଭ୍ୟ ପଦବୀ ଲାଗି ଉପ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପଦବୀ ପାଇଁ ମୋଟ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ୧୨ ତାରିଖରେ ମୋତିଲାଲ ଦେହେରି ଓ ରବୀନ୍ଦ୍ର ସେଲମା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେବା ପରେ ମନୋଜ ପଣ୍ଡା ଓ କୃପାନିଧି ମିଶ୍ର ମଇଦାନରେ ରହିଥିଲେ । ହେଲେ ଗୁରୁବାର କୃପାନିଧି ମିଶ୍ର ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ପତ୍ର ତରଭା ବିଡ଼ିଓଙ୍କ ଜରିଆରେ ପଠାଇଥିବା ଜଣାଯାଇଛି । ମିଶ୍ରଙ୍କ କହିବା ଅନୁସାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ତାଙ୍କ ନିଜ ଗ୍ରାମ ଡୁଲୁଣ୍ଡାରୁ ତରଭା ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ସମୟରେ ଅସୁସ୍ଥ ହୋଇ ପଡିଥିଲେ । ଧାର୍ଯ୍ୟ ସମୟ ସୁଦ୍ଧା ପହଞ୍ଚି ନ ପାରିବାରୁ ତାଙ୍କର ପ୍ରାର୍ଥୀପତ୍ର କାଏମ ରହିଥିଲା । ଏଣୁ ମିଶ୍ର ପ୍ରେସ ଇସ୍ତାହାର ମାଧ୍ୟମରେ ରାଜ୍ୟ ଓ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ନିବେଦନ କରିଛନ୍ତି ।

# ସୁବିଧା କେନ୍ଦ୍ର, ଜିଲା ଓକିଲ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ସୋନପୁର,୧୪।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ନ୍ୟାୟାଳୟ ପରିସରରେ ଏକ ସୁବିଧା କେନ୍ଦ୍ର ଓ ଜିଲା ଓକିଲ ସଂଘ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ୩ କୋଟି ୧୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସୁବିଧା କେନ୍ଦ୍ରରେ ଓକିଲ ଓ କୋର୍ଟକୁ ଆସୁଥିବା ଜନସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି । ଓଡିଶା ହାଇକୋର୍ଟର ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ବିଭୁ ପ୍ରସାଦ ରାଉତରାୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ସଭାରେ ବିଚାରପତି ଷଡଙ୍ଗୀ କହିଥିଲେ ସୁବର୍ଣ୍ଣପୁର ସଂସ୍କୃତିର ପ୍ରାଣ କେନ୍ଦ୍ର । ଏଠାକାର ଦେବୀ ଉପାସନା, ପରମ୍ପରା ଓ ଲୋକସଂସ୍କୃତି ମହାନ । ଉଦ୍‌ଘାଟିତ ହୋଇଥିବା ଅତ୍ୟାଧୁନିକ ସୁବିଧା କେନ୍ଦ୍ର ରାଜ୍ୟର ପ୍ରଥମ । ଏହି କେନ୍ଦ୍ରରେ ଓକିଲଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ଲାଇବ୍ରେରୀ, ବ୍ୟାଙ୍କ୍, ଏଟିଏମ୍, ଉପଡାକଘର, ପ୍ରାଥମିକ ଉପଚାର କେନ୍ଦ୍ର, କ୍ୟାଣ୍ଟିନ୍, ଡାଇନିଂ ହଲ, ନୋଟାରୀ, ଷ୍ଟାମ୍ପ ବିକ୍ରେତା ଓ ଫଟୋ କପି ଭଳି ସୁବିଧା ରହିଛି । ଓଡିଆ ନବବର୍ଷରେ ଏହା ଉଦ୍‌ଘାଟିତ ହୋଇଛି । ବିଚାରପତି, ଜିଲାର ଓକିଲ ଓ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଓଡିଶା ହାଇକୋର୍ଟର ବିଚାରପତି ଓ ଅନ୍ୟ ଅତିଥି ବୃନ୍ଦ ।

**■ ୩.୧୧ କୋଟି ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ରାଜ୍ୟରେ ପ୍ରଥମ**

**■ କେନ୍ଦ୍ରରେ ଓକିଲ ସଂଘ ସମ୍ମିଳନୀ କକ୍ଷ, ବ୍ୟାଙ୍କ, ଡାକଘର, ପ୍ରାଥମିକ ଉପଚାର କେନ୍ଦ୍ର, କ୍ୟାଣ୍ଟିନ୍, ଡାଇନିଂ ହଲ୍ ସୁବିଧା ରହିଛି**

ଜନସାଧାରଣଙ୍କ ପାଇଁ ଏହା ସ୍ମରଣୀୟ ଦିନ । ସରକାରଙ୍କ ସହଯୋଗ କ୍ରମେ ସାରା ରାଜ୍ୟରେ ନ୍ୟାୟାଳୟଗୁଡିକର ଭିତ୍ତିଭୂମିର ଉନ୍ନତି ପାଇଁ କାର୍ଯ୍ୟ ଜାରି ରହିଛି । ବିଚାରପତି ରାଉତରାୟ କହିଥିଲେ ନ୍ୟାୟାଳୟ ପରିସରରେ ଏଣିକି ସମସ୍ତ ପ୍ରକାର ସୁବିଧା ମିଳିବ । ଓକିଲ ଓ ମହକିଲଙ୍କୁ ଆଉ ବାହାରକୁ ଯିବାକୁ ପଡିବ ନାହିଁ । ସୁବର୍ଣ୍ଣପୁର ଜିଲା ଦୌରାଜଜ୍ ରଶ୍ମି ମୋହନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୋନପୁର ଏସଡିଜେଏମ୍ ମନସ୍ୱିନୀ ମହାପାତ୍ର ସଭାକୁ ସଂଯୋଜନା କରିଥିଲେ । ଜିଲା ଓକିଲ ସଂଘର ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଜିଲା ଓକିଲ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘର ଆଜୀବନ ସଭ୍ୟ ତଥା ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲାର ବିଚାରପତି ବୃନ୍ଦ, ଜିଲା ଓକିଲ ସଂଘର କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ସକାଳେ ହାଇକୋର୍ଟର ବିଚାରପତି ଷଡଙ୍ଗୀ ଓ ରାଉତରାୟ ବିନିକାରେ ସିଭିଲ ଜଜ୍ କୋର୍ଟ ଓ ବୀରମହାରାଜପୁର ସିନିୟର ସିଭିଲ ଜଜ୍ କୋର୍ଟର ଶିଳାନ୍ୟାସ କରିଥିଲେ ।

## ବିଭିନ୍ନ ସ୍ଥାନରେ ମେରୁଯାତ୍ରା ଉଦ୍‌ଯାପିତ

ଅମରପାଲି,୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ମେରୁ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ବ୍ଲକର ଗୋଧନେଶ୍ୱର, ଟିଁପିପାଲି, ପିତାମହୁଲ, ସୁନାରିବେର୍ଣ୍ଣି, ବଡବର୍ଡାକଟା, ବଡମାଳ, ଗୌଡଗାଡ, କୁଞ୍ଜାପାଲି, ତେନ୍ତୁଳିମହଦା, ମାଣିକପୁର, ବାଗବର, ଚୌକା, ମୁର୍ଷୁଣ୍ଡି, ମୟୂରକଟା(ସାହାଜଲଥା) ଆଦି ସ୍ଥାନରେ ମେରୁଯାତ୍ରା ସହିତ ପଣାସଂକ୍ରାନ୍ତି ପାଳନ ହୋଇଯାଇଛି । ଅଞ୍ଚଳର ଶୈବପୀଠଗୁଡିକରୁ ବାହାରୁଥିବା ଦଣ୍ଡ ଦଳ ଗାଁ ଗାଁ ବୁଲି ଦଣ୍ଡ ପରିବେଷଣ କରୁଥିଲେ । ଦିନବେଳା ଧୂଳିଦଣ୍ଡ ସହିତ ରାତ୍ରିରେ ଷୋଳ ସୁଆଙ୍ଗ ପରିବେଷଣ କରାଯାଉଥିଲା । ଷୋଳ ସୁଆଙ୍ଗରେ ଫକିର- ଫକିରାଣୀ, ଶିବ-ପାର୍ବତୀ, ଯୋଗୀ-ଯୋଗୀଆଣୀ, ଦିଅର-ଭାଉଜ, ଶାଳୀ-ଭିଣେଇ, ପତରସହୁରା-ପତରସହୁରାଣୀ, ବିଣାକାର-ବିଣାକାରୁଣୀ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା । ତେରଭୁକ୍ତା ସହିତ ବ୍ରତଧାରୀମାନେ ନିଷ୍ଠା ଓ କାଷ୍ଠାର ସହିତ ଗୋଟିଏ ଓଳି ଅରୁଆ ଅନ୍ନ ଖାଇ ଶିବସେବା କରୁଥିଲେ । ଶୁକ୍ରାବାର ପଣାସଂକ୍ରାନ୍ତି ଅବସରରେ ମେରୁ ଯାତ୍ରା ସହିତ ଏହାର ସମାପନ ହୋଇଛି । ସକାଳୁ ସକାଳୁ ଅଞ୍ଚଳର ଶୈବପୀଠଗୁଡିକରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବିଭିନ୍ନ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା । ମାନସିକ ରଖିଥିବା ଶ୍ରଦ୍ଧାଳୁମାନେ ନିଜର ମାନସିକ ପୂରଣ ପାଇଁ ମେରୁଯାତ୍ରାରେ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ । ମେରୁଯାତ୍ରା ଦେଖିବାକୁ ଶିବାଳୟରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।



ଗୌଡଗାଡରେ ମେରୁଯାତ୍ରା ।

# ବୀରମହାରାଜପୁରରେ ବରିଷ୍ଠ ଦେୱାନୀ ଜଜ୍‌କୋର୍ଟ ବିଲ୍‌ଡିଂର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ।

ଅମରପାଲି,୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବରିଷ୍ଠ ଦେୱାନୀ ନ୍ୟାୟାଳୟ ପାଇଁ କୋଠା ନିର୍ମାଣ ନିମନ୍ତେ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ବିଲ୍ଡିଂ କମିଟି ଅଧ୍ୟକ୍ଷ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି ଓ ସୋନପୁର ଜିଲା ଦାୟିତ୍ୱରେ ଥିବା ପ୍ରଶାସନିକ ଜଜ୍ ଜଷ୍ଟିସ ବିଭୁପ୍ରସାଦ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ । ଏହାପରେ ବ୍ଲକର ଉଫୁଲାଠାରେ ଅନୁଷ୍ଠିତ ସଭାରେ ସୋନପୁର ଜିଲା ଜଜ୍ ରଶ୍ମିମୋହନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୀରମହାରାଜପୁର ଓକିଲ ସଂଘର ସଭାପତି ରାଧାକାନ୍ତ ମହାକୁର ବକ୍ତବ୍ୟ ପ୍ରଦାନ କରିବା ସହିତ ଡିଜିଟାଲ ଲାଇବ୍ରେରୀ ଓ ବୀରମହାରାଜପୁର ଠାରେ ଅତିରିକ୍ତ ଜିଲା ଜଜ୍ (ଏଡିଜେ) ଅଦାଲତ ସ୍ଥାପନ ନିମନ୍ତେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାମପୁର ଜେଏମଏଫସିର ଅରୁଣିମା ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶେଷରେ ସମ୍ପାଦକ ଉମାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଡିଜେ ଅଦାଲତ ପ୍ରସଙ୍ଗରେ କେତେକ ଆବଶ୍ୟକତା ପୂରଣ ହେଲେ ଭବିଷ୍ୟତରେ ଏହା ସମ୍ଭବପର ହୋଇପାରେ ବୋଲି ଜଷ୍ଟିସ ଷଡ଼ଙ୍ଗୀ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସ୍ଥାନୀୟ ସରସତୀ ଶିଶୁ ମନ୍ଦିର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସଂଘର ଉପସଭାପତି ରାଧାକାନ୍ତ ବାଘ, ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ରଞ୍ଜନ କର, ମନୋଜ ସାହୁ, ଶ୍ରୀଧର ଦାଶ, ସଙ୍ଗୀତା ପଣ୍ଡା, କ୍ରାନ୍ତି ରାଗିଣୀ ସାହୁ ପ୍ରମୁଖ ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରି ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବରିଷ୍ଠ ଦେୱାନୀ ଜଜ୍ ସରୋଜିନୀ ସାହୁ, ଏସଡିଜେଏମ ସଂଘମିତ୍ରା ବିଶ୍ୱାଳ ଏବଂ ଜିଲା ପ୍ରଶାସନ ତରଫରୁ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ମହିଳାମାନେ ଉପସ୍ଥିତ ଥିଲେ ।

## ବିନିକାରେ ଜେଏମ୍‌ଏଫ୍‌ସି କୋର୍ଟ ନୂତନ କୋଠାଘର ଭିତ୍ତିପ୍ରସ୍ତର ସ୍ଥାପନ

ବିନିକା,୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକାଠାରେ ଶୁକ୍ରବାର ଜେଏମଏଫସି କୋର୍ଟ ନୂତନ କୋଠାଘର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ହାଇକୋଟ ବିଚାରପତି ତଥା ବିଲ୍ଡିଂ କମିଟି ଚେୟାରମ୍ୟାନ ଜଷ୍ଟିସ ବି.ଆର.ଷଡ଼ଙ୍ଗୀ ଏବଂ ବିଚାରପତି ବି.ପି.ରାଉତରାୟଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଅବସରରେ ସୁବର୍ଣ୍ଣପୁର ଜିଲା ଜଜ୍ ରଶ୍ମିମୋହନ ଆଚାର୍ଯ୍ୟ, ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ବିନିକା ଜେଏମଏଫସି ରେଶ୍ମାଧର ବିଶୋଇ, ଡୁଙ୍ଗୁରିପାଲି ଜେଏମଏଫସି ସୁଦେସ୍ନା ପଟ୍ଟନାୟକ, ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରର ସୁଚରିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ସମ୍ପାଦକ ହରିବଂଶ ମେହେରଙ୍କ ନେତୃତ୍ୱରେ ଓକିଲ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ତରଫରୁ ହାଇକୋଟ ବିଚାରପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସୂଚନାଯୋଗ୍ୟ, ବର୍ତ୍ତମାନ ବିନିକା ଜେଏମଏଫସି କୋର୍ଟ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଛି । ବିନିକା-ରାମପୁର ମୁଖ୍ୟ ରାସ୍ତାର ଅଗ୍ନିଶମ ବିଭାଗ ନିକଟରେ ୩ ଏକର ୮୦୦ଡିସିମିଲ ଏରିଆରେ ୭କୋଟି ୨୫ଲକ୍ଷ ୨୫ହଜାର ଟଙ୍କା ବ୍ୟୟରେ ନୂତନ ଜେଏମଏଫସି କୋଠାଘର ନିର୍ମାଣ ହେବ ବୋଲି ଜଣାପଡିଛି ।

## ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ଶୋଭାଯାତ୍ରା

ଅମରପାଲି,୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବଜରଙ୍ଗ ଦଳ ପକ୍ଷରୁ ବୀରମହାରାଜପୁରରେ ଶୁକ୍ରବାର ଦିନ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଥରଘାଟଠାରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ଛକଠାରେ ଆଖଡ଼ା, ଖଣ୍ଡା ବୁଲା ଓ କୁସ୍ତି ପ୍ରଦର୍ଶନ କରିଥିଲେ । ସେଠାରୁ ଟାଙ୍ଗରସାହିଠାରେ ଥିବା ହନୁମାନ ମୂର୍ତ୍ତି ସମ୍ମୁଖରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ବଜରଙ୍ଗ ଦଳର ଅବିନାଶ ଥାନାପତି, ଅବିନାଶ ହୋତା, ଶୁଭେନ୍ଦୁ ଷଡ଼ଙ୍ଗୀ, ଅଂଶୁମାନ ପଣ୍ଡା, ଚିନ୍ମୟ ପଣ୍ଡା, ସୁଜ୍ଞାନ ହୋତା, ଲିଙ୍ଗରାଜ ଦାସ, ମନୋଜ କୁମାର ହୋତାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।



ହନୁମାନ ଜୟନ୍ତୀରେ ଶୋଭାଯାତ୍ରା ଓ ଆଖଡା ପ୍ରଦର୍ଶନ ।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ ଓ ଜୟନ୍ତୀ ପାଳନ



ସଭାରେ ମଞ୍ଚାସୀନ ଅତିଥି ।

ତରଭା,୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜ ଓ ବହୁଜନ ସମାଜ ପାର୍ଟି ଉଦ୍ୟମରେ ଶୁକ୍ରବାର ଅପରାହ୍ନରେ ବ୍ଲକ ସମ୍ମୁଖ କୃଷ୍ଣାର୍ଜ୍ଜୁନ ମଣ୍ଡପ ନିକଟରେ ଅତିଥିମାନଙ୍କ ଦ୍ୱାରା ସମ୍ବିଧାନ ପ୍ରଣେତା ବି.ଆର. ଆମ୍ବେଡକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉଦ୍‌ଘାଟିତ ହୋଇଯାଇଛି । ଆମ୍ବେଡକରଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯାଇଛି । ଏହି ଉପଲକ୍ଷେ ଲକ୍ଷେ ଘର ଗଣ୍ଡା ସମାଜ ବ୍ଲକ ସଭାପତି ସୁଶୀଲ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅର୍ଥ, ସାଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ, ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ବରିଷ୍ଠ ବହୁଜନ ସମାଜ ପାର୍ଟି ନେତା ପ୍ରକାଶ ହରିପାଳ, ମାନଭଞ୍ଜନ ମିଶ୍ର, ବଘିଆ ସରପଞ୍ଚ ଅଶ୍ୱିନୀ ବିଶି, ଦୁବୁଲା ସରପଞ୍ଚ ଆର୍ତ୍ତତ୍ରାଣ ବର୍ଗତ୍ତି, ବାଲିଖମାର ସରପଞ୍ଚ ସୁଦାମ ଦୀପ, ଦୟାନିଧି ସୁନା, ହେମନ୍ତ ସୁନା, ସୁବାସ ସୁନା, ମାର୍କଣ୍ଡ ନାଗ ଓ ମୁଖ୍ୟବକ୍ତା ଭାବେ ଗୁପ୍ତେଶ୍ୱର ଝୁରା ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ସୁଶାନ୍ତ ମଲ୍ଲିକଙ୍କ ଦ୍ୱାରା ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଦାବିପତ୍ରରେ ପାଣିମୁରାରେ ନିର୍ମାଣାଧୀନ ଇଥନେଲ କାରଖାନାରେ ତରଭା ଅଞ୍ଚଳର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା, ତରଭାରେ ଦଳିତ ସମାଜର କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଦଶ ଲକ୍ଷ ଟଙ୍କା ଅନୁଦାନ ଦେବା ପ୍ରଭୃତି ବିଭିନ୍ନ ଦାବି ଉଲ୍ଲେଖ ରହିଛି । ମନ୍ତ୍ରୀ ପୂଜାରୀ ତୁରନ୍ତ ଦାବିଗୁଡିକ ଯେପରି ପୂରଣ ହେବ ପ୍ରତିଶୃତି ଦେଇଥିଲେ । କାର୍ଯ୍ୟକ୍ରମ କୁ ସୁଶାନ୍ତ ମଲ୍ଲିକ, ତରଣୀସେନ ନାଗ ପରିଚାଳନା କରିଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଅମରପାଲି,୧୪।୪(ଡି.ଏନ.ଏ)

**ବୀରମହାରାଜପୁର ଏଭେଞ୍ଜାର ସେମି ଫାଇନାଲରେ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମରେ ଚତୁର୍ଥ ନାରାୟଣୀ ଫ୍ଲଡ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ରାଜ ଗୋପାଳ ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ପ୍ରମୋଦ ପଧାନ ଓ ବିଦୁର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ କର୍ଡାପାଲ ଓ ବିବିଏସଆର ବଏଜ ମଧ୍ୟରେ ହୋଇଥିଲା । ଏଥିରେ କର୍ଡାପାଲ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ କର୍ଡାପାଲ ଓ ବୀରମହାରାଜପୁର ଏଭେଞ୍ଜାର ମଧ୍ୟରେ ହୋଇଥିଲା ।ଏଥିରେ ବୀରମହାରାଜପୁର ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ ବହଳପଦର ଓ ଅମରପାଲି ମଧ୍ୟରେ ହୋଇଥିଲା । ଏଥିରେ ବହଳପଦର ବିଜୟୀ ହୋଇଥିଲା । ଚତୁର୍ଥ ମ୍ୟାଚ ବହଳପଦର ଓ ବୀରମହରାଜପୁର ଏଭେଞ୍ଜାର ମଧ୍ୟରେ ହୋଇଥିବା ବେଳେ ଏଥିରେ ବୀରମହାରାଜପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚ ଗୁଡିକରେ ଶାନ୍ତନୁ ଓ ସିଲୁ ଅମ୍ପାୟାର, କ୍ଷୀରୋଦ, ସୋନୁ ଓ ବିକାଶ ସ୍କୋରିଂ କରିଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳି ।

# ଆମ୍ବେଡ୍‌କରଙ୍କ ଲକ୍ଷ୍ୟ ଥିଲା ଶୋଷଣହୀନ ସମାଜ ପ୍ରତିଷ୍ଠା

ସୋନପୁର,୧୪।୪(ନି.ପ୍ର.)

ଭାରତୀୟ ସମ୍ବିଧାନର ପ୍ରଣେତା, ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍ ଓ ଆଇନଜ୍ଞ ଭାରତରତ୍ନ ଡ.ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବାବାସାହେବ ଦେଶର ସାମାଜିକ ବିପ୍ଳବର ମହାନାୟକ ଥିଲେ । ତାଙ୍କ କାର୍ଯ୍ୟାବଳୀ ଶୋଷଣହୀନ ସମାଜ ପ୍ରତିଷ୍ଠା ଥିଲା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର ଯୋଗଦାନ କରି ଆମ୍ବେଡକରଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ବାଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ରହିଥିବା ଛୁଆଁ ଅଛୁଆଁ ଭେଦଭାବ ଦୂର କରି ଏକ ପ୍ରଗତିଶୀଳ ସମାଜ ଗଠନ କରିବାକୁ କହିଥିଲେ । ସାମାଜିକ କର୍ମୀ ଘାସିରାମ ପଣ୍ଡା ଓ ଜିଲା ବାବା ସାହେବ ଆମ୍ବେଡକର ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ରବିନ୍ଦ୍ର କୁମ୍ଭାର ବକ୍ତବ୍ୟ ପ୍ରଦାନ କରିଥିଲେ । ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସଭାରେ ବିଭିନ୍ନ ବିଭାଗର ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ । ସକାଳେ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଏସ୍‌ପି ଅମରେଶ ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀ, ଲୋକପ୍ରତିନିଧି ଓ ଆମ୍ବେଡକର ସଂଗଠନର କର୍ମକର୍ତ୍ତା ସହରର ଆମ୍ବେଡକର ଛକରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ଜଣେ କୃତି ଛାତ୍ରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ଆମ୍ବେଡ୍‌କରଙ୍କ ୧୩୨ତମ ଜୟନ୍ତୀ

**ବେଲପାହାଡ,୧୪।୪(ଡି.ଏନ.ଏ.):** ଝାରସୁଗୁଡାଠାରେ ଶୁକ୍ରବାର ଜିଲା ବିଜେଡି ଏସ୍‌ସି ସେଲ ପକ୍ଷରୁ ଡ. ବି.ଆର୍. ଆମ୍ବେଡ୍‌କରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜୟ ପ୍ରକାଶ କୁଅଁରଙ୍କ ସଭାପତିତ୍ୱରେ ସୁନାରିମୁଣ୍ଡା ଛକସ୍ଥିତ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନରସିଂହ ବିଷ୍ଣୁପ୍ରିୟା ଟ୍ରଷ୍ଟର ଟ୍ରଷ୍ଟି ତଥା ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡ଼ିରୁ ପ୍ରାର୍ଥୀ ହୋଇଥିବା ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାପସ ରାୟ ଚୌଧୁରୀ, ସନ୍ଦିପ ଅଗସ୍ତି, ହରିଶ ଗଣତ୍ରା, ମନୋରଞ୍ଜନ ମହାପାତ୍ର, ରଜୁ ପାଣିଗ୍ରାହୀ, ତୁଳସୀ ପ୍ରାସାଦ ଦାଶ ଓ ପିଣ୍ଟୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ହିନ୍ଦୁ ନବବର୍ଷ ପାଳିତ

**କୋଲାବିରା,୧୪।୪ (ଡି.ଏନ.ଏ.):** ଜୟପୁର ଇଷ୍ଟେଟ ମା’ ସମ୍ବଲେଶ୍ୱରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ମିଳନ ଛକଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ସଂସଦର ସଭାପତି କବି ଶୋଭାଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାସିଂହା ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର, ବିରଞ୍ଚି କୁମାର ପଟେଲ, ପ୍ରବୀଣ ସାହୁ, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସମ୍ପାଦକ କୀର୍ତ୍ତି ଚନ୍ଦ୍ର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

### ଶୋଭାଯାତ୍ରାରେ ହିଂସାକୁ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭାର ନିନ୍ଦା

**ସମ୍ବଲପୁର,୧୪।୪(ବ୍ୟୁରୋ):** ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବାଇକ୍ ରାଲି ଉପରକୁ ପଥରମାଡ଼ ହେବା ପରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ସମ୍ବଲପୁର ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ନିନ୍ଦା କରିଛି। ବହୁବର୍ଷ ଧରି ଶାନ୍ତିପୂର୍ଣ୍ଣ ଭାବେ ହନୁମାନ ଜୟନ୍ତୀ ପାଳିତ ହୋଇଆସୁଛି। ହେଲେ ଦୁଇଦିନ ତଳେ ହୋଇଥିବା ବାଇକ୍ ଶୋଭାଯାତ୍ରା ଉପରେ ଅତର୍କିତ ପଥରମାଡ କରାଯାଇଥିଲା। ଏଥିରେ କେତେଜଣ ଆହତ ମଧ ହୋଇଛନ୍ତି। ଉକ୍ତ ଦଙ୍ଗାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏହାସହ ସମସ୍ତ ହିନ୍ଦୁ ସମାଜ ଏକଜୁଟ ହୋଇ ସମର୍ଥନ କରିବାକୁ ଆହ୍ୱାନ ଦେଇଛନ୍ତି। ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା ଏ ନେଇ ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ନୂଆପଡ଼ା ଅଫିସ,୧୪।୪:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପୋଏଁର କଲୋନୀପଡାଠାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୋମନା ଗାଁର ମନବୋଧ ଘିବେଲା (୪୬) ଓ ଅନ୍ୟ ଜଣେ କୋମନା ଗାଁର ଯୁବକ ବିକାଶ ଦୁରିଆ। ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ମହୁଲଭଟା ପଟରୁ କୋମନାକୁ ଏକ ସ୍କୁଟି (ନଂ.ଓଡି୨୬ଇ-୨୧୮୧)ରେ ମନବୋଧ ଓ ବିକାଶ ଆସୁଥିଲେ। ପୋଏଁର ଗାଁ କଲୋନୀପଡାଠାରେ ଗୋଲେଇ ରାସ୍ତାରେ ଏକ କାରକୁ ସାଇଡ ଦେବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡରେ ପୋତାଯାଇଥିବା ସିମେଣ୍ଟ ଖୁଣ୍ଟରେ ପିଟିହୋଇ ଛିଟିକି ପଡିଥିଲେ। କୋମନା ଅଗ୍ନିଶମ ବିଭାଗ ଖବର ପାଇ ଘଟଣା ସ୍ଥଳରୁ ୨ଜଣଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମନବୋଧଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅତି ଗୁରୁତର ହେବାରୁ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମନବୋଧ ବିଜୁ ଯୁବ ଜନତା ଦଳ ଜିଲା ଉପସଭାପତି ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୋମନା ତଥା ଜିଲାରେ ଶୋକର ଛାୟା ଖେଳିଯାଇଛି।





ଶୋଭାଯାତ୍ରାରେ ସାମିଲ ହୋଇଥିବା ସମ୍ବଦା ଓ ହନୁମାନଙ୍କ ମେଢ଼।

# ଉତ୍ତେଜନାରେ ଶେଷ ଶୋଭାଯାତ୍ରା

**ସମ୍ବଲପୁର,୧୪।୪(ବ୍ୟୁରୋ)**

- ଶକ୍ତିପ୍ରଦର୍ଶନ କଲେ ବଜରଙ୍ଗୀ
- ସାମିଲ ହେଲେ ଶତାଧିକ ଆଖଡା, ସଂଗଠନ

ସମ୍ବଲପୁର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ବାଇକ୍ ଶୋଭାଯାତ୍ର ସମୟରେ ପଥରମାଡ଼, ଭଙ୍ଗାରୁଜା, ପୋଡ଼ାଜଳା ହୋଇ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ଜିଲା ପ୍ରଶାସନର ଅନୁମତି କ୍ରମେ ସମନ୍ୱୟ ସମିତି ପକ୍ଷରୁ ଶକ୍ତି ପ୍ରଦର୍ଶନ ସ୍ୱରୂପ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଧନକଉଡା ଖେଳପଡିଆରୁ ଶୋଭାଯାତ୍ରା ବାହାରି ସୁନାପାଲି, ମୋତିଝରନ, ଭିଏସ୍‌ଏସ୍ ଷ୍ଟାଡିୟମ ଦେଇ ବୁଢ଼ାହିଲ ହନୁମାନ ମନ୍ଦିର ନିକଟ ଜିଲା ସ୍କୁଲ ଛକ ପର୍ଯ୍ୟନ୍ତ ଆସିଥିଲା। ଶୋଭାଯାତ୍ରା ହନୁମାନ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ସ୍ୱତନ୍ତ୍ର ଆଳତି କରାଯାଇଥିଲା। ପରେ ଜିଲା ସ୍କୁଲ ଛକ ଦେଇ ଲକ୍ଷ୍ମୀଟକିଜ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିଯାଇଥିଲା। ଶୋଭାଯାତ୍ରାରେ ସହର ତଥା ଗ୍ରାମାଞ୍ଚଳର ଶତାଧିକ ଆଖଡା ସଂଘ ଓ ସାମାଜିକ ଅନୁଷ୍ଠାନର ହଜାର ହଜାର ଭକ୍ତ, ବଜରଙ୍ଗୀ ସାମିଲ ହୋଇଥିଲେ। ଜୟଶ୍ରୀରାମ, ଜୟ ହନୁମାନ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଡିଜେ, ଦୁଲଦୁଲି ବାଜା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଲୋକେ ହନୁମାନଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଶୋଭାଯାତ୍ରା ଉପଭୋଗ କରିଥିଲେ। ହେଲେ ଧନକଉଡାଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ସ୍ଥାନରେ ଉତ୍ତେଜନା ଲାଗିରହିଥିଲା। ବିଭିନ୍ନ ସ୍ଥାନରେ ପୋଡାଜଳା ସହ ଦୋକାନ ବଜାର ଭାଙ୍ଗି ଦିଆଯାଇଥିଲା। ଏପରି କି ଜିଲା ସ୍କୁଲ ଛକରେ ପଥର ମାଡ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶୋଭାଯାତ୍ରାରେ ସାମିଲ ଥିବା ଯୁବକମାନେ ମଧ ଶକ୍ତି ପ୍ରଦର୍ଶନ କରି ନାରାବାଜି କରିଥିଲେ। ପଥର ମାରିଥିବା ଯୁବକଙ୍କୁ ପୋଲିସ ଘଉଡାଇବାରୁ ଫେରାର ହୋଇଯାଇଥିଲେ। ଜିଲା ସ୍କୁଲ ଛକରେ ଆଳତି କରାଯାଇଥିଲା। ଏଠାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ ସଦସ୍ୟମାନେ ଯୋଗ ଦେଇ ହନୁମାନଙ୍କ ଦର୍ଶନ କରିଥିଲେ।

### ରାସ୍ତା ଉପରେ ଗର୍ତ୍ତ, ଯାତାୟାତରେ ବାଧା

**ଖଡ଼ିଆଳ,୧୪।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟାଠାରେ ଥିବା ସିନାପାଲି ପିଡବ୍ଲୁଡିରୁ ସୁନାରିସିକୁଆ ପ୍ରଧାନମନ୍ତ୍ରୀ ରାସ୍ତା ଉପରେ ୩ଟି ବଡଗର୍ତ୍ତ ହୋଇଥିବାରୁ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ସୁନାରିସୀକୁଆ ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୧ରେ ମେଗା ଜଳ ଯୋଗଣ ପ୍ରକଳ୍ପ ଜରିଆରେ ଜଳ ଯୋଗାଣ ପାଇଁ ପାଇପ ପୋତା ଯାଇଥିଲା। ହେଲେ ସେତେବେଳେ ବିଭାଗ ପକ୍ଷରୁ ପାଇପ ପୋତିବା ପରେ ସୁନାରିସୀକୁଆ ରାସ୍ତା ୩ଟି ପଡାକୁ ପାଇପ ଜଳ ଯୋଗାଣ କରାଯାଇଛି। ହେଲେ ପାଇପ ପୋତିବା ପରେ ବିଭାଗ ରାସ୍ତାରେ ଉପରେ ଥିବା ତିନୋଟି ଖାଲକୁ ଦୀର୍ଘ ଦିନ ହେଲା ପୋତିନାହାନ୍ତି। ସେହିଗୁଡିକ ବର୍ତ୍ତମାନ ଏକ ଫୁଟରୁ ଅଧିକ ଗର୍ତ୍ତ ହୋଇ ରହିଛି। ଫଳରେ ପ୍ରତ୍ୟେକ ଦିନ ସୁନାରିସୀକୁଆ ପଞ୍ଚାୟତ ଜନସାଧାରଣ ସହିତ ସେହି ଗ୍ରାମ ଉପରେ ନିର୍ଭର କରୁଥିବା ଅନ୍ୟ ଲୋକ ମଧ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ସିନାପାଲି ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ଅବଗତ କରିବାରୁ କାଲି ତାର ସୁବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

## ହନୁମାନ ଜୟନ୍ତୀରେ ମହିଳାଙ୍କ ଭବ୍ୟ ଶୋଭାଯାତ୍ରା



ଏସ୍‌ଆର୍‌ଆଇଟି କଲୋନୀ ଶୋଭାଯାତ୍ରାରେ ମହିଳାମାନେ।

**ସମ୍ବଲପୁର, ୧୪।୪(ବ୍ୟୁରୋ)**

ପବିତ୍ର ହନୁମାନ ଜୟନ୍ତୀକୁ ଧୁମ୍‌ଧାମରେ ପାଳନ କରିଛନ୍ତି ସମ୍ବଲପୁର ମହାନଗର ନିଗମ ଏସ୍‌ଆର୍‌ଆଇଟି କଲୋନୀବାସୀ। ୱେଲଫେୟାର କମିଟି ପକ୍ଷରୁ ଉତ୍ସବ ଆୟୋଜିତ ହୋଇଥିଲା। ଶୋଭାଯାତ୍ରାରେ ପୁରୁଷମାନେ ଗୈରିକ ବସ୍ତ୍ର ପରିଧାନ କରିଥିଲେ। ସେହିପରି ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ଯୁବତୀ ଜୟ ଶ୍ରୀରାମ ଲେଖା ଚୁନରୀ ବାନ୍ଧିଥିଲେ, ଯାହାକି ଶୋଭାଯାତ୍ରାକୁ ଆହୁରି ସୁନ୍ଦର କରିଥିଲ। ଶିଶୁମାନେ ସୀତା, ରାମ, ଲକ୍ଷ୍ମଣ, ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ହନୁମାନଙ୍କ ଗୁଣଗାନ ସହ ଶୋଭାଯାତ୍ର ଅଇଁଠାପାଲି, ସହଯୋଗନଗର, ଜଗନ୍ନାଥ କଲୋନୀ, ଫାଟକ, ବୁଢ଼ାରଜା ରାସ୍ତା ପରିକ୍ରମା କରିଥିଲା। ଭକ୍ତମାନେ ବୀର ହନୁମାନ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଆଶୀର୍ବାଦ କରିଥିଲେ ।

## କିଡ୍‌ନୀ ରୋଗ କବଳିତ ଗାଁ ସରଗାଦି

- ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ
- ୫୦ରୁ ଅଧିକ ମୃତ୍ୟୁସହ ସଂଗ୍ରାମ

**ଖଡ଼ିଆଳ,୧୪।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରିଷିଗାଁ ପଞ୍ଚାୟତ ସରଗାଦି ଗ୍ରାମରେ କିଡ୍‌ନୀ ରୋଗରେ ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ତ୍ତମାନ ୫୦ରୁ ଅଧିକ ଲୋକ ଏହି ରୋଗରେ ପଡି ମୃତ୍ୟୁସହ ସଂଗ୍ରାମ କରୁଥିବା ଜଣାପଡ଼ିଛି। କାହା ଘରେ ସ୍ୱାମୀ ସ୍ତ୍ରୀ ତ କାହା ଘରେ ବାପ ପୁଅ ପୁଣି କାହା ଘରେ ଭାଇ ଭାଇ ଏହି ରୋଗରେ ପଡିଛନ୍ତି। ଗ୍ରାମରେ ବ୍ୟାପୁଥିବା ଏହି ରୋଗର ପ୍ରକୃତ କାରଣ ଜଣାପଡିନାହିଁ। ହେଲେ ଗ୍ରାମକୁ ଯୋଗାଣ ହେଉଥିବା ପାଣି ପ୍ରଦୂଷିତ ଥିବାରୁ ଏହି ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଜଣଙ୍କ ପରେ ଜଣଙ୍କୁ ବ୍ୟାପିବାରେ ଲାଗିଛି କିଡ୍‌ନୀ ରୋଗ। ଟଙ୍କା ଅଭାବରୁ ରୋଗର ଚିକିତ୍ସା କରି ନ ପାରି ମୃତ୍ୟୁମୁଖରେ ପଡୁଛନ୍ତି ଲୋକେ। ଗ୍ରାମର ସଙ୍ଗୀତା ବାଗଙ୍କ ଶ୍ୱଶୁର, ଦେଢ଼ ଶ୍ୱଶୁର ଓ ସ୍ୱାମୀ ଏହି ରୋଗରେ ମୃତ୍ୟୁବରଣ କରିଥିବାରୁ ବର୍ତ୍ତମାନ ପରିବାର ଲୋକେ ସମସ୍ୟାରେ ଚଳୁଛନ୍ତି। ଘର ମୁରବୀମାନେ ମୃତ୍ୟୁବରଣ କରିବା ଓ ଚିକିତ୍ସା ପାଇଁ ଘର ଯାବତୀୟ ଜିନିଷ, ଜମିବାଡ଼ି ବିକିବାକୁ ପଡୁଥିବାରୁ ଲୋକେ ଅଭାବ ଅସୁବିଧାରେ ଚଳିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ ଏହି ପାଣି ବିଶୁଦ୍ଧ ନ ଥିବା ଅଭିଯୋଗ କରୁଛନ୍ତି ଲୋକେ। ଯଥାଶିଘ୍ର ତିଖାଲି ଡ୍ୟାମରୁ ମେଗା ଜଳ ସେଚନ ପ୍ରକଳ୍ପରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସ୍ଥାନୀୟ ସରପଞ୍ଚ ବିରଞ୍ଚି ନାଗଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି। ବର୍ତ୍ତମାନ ଗ୍ରାମର ଉର୍ମିଳା ବାଗ, ସାମନ୍ତ ବାଗ, କୁନ୍ତୀ ବାଗ, ରାଧେଶ୍ୟାମ ବାଗ, କ୍ଷ୍ୟମାନନ୍ଦ ମହନନ୍ଦ, ଗିରିଧାରୀ ଠେଲା, ହୃଦ ଶବର, ହୃଷୀ ଘିଭେଲା, ଧୀର ଦୁର୍ଗା, ସୁବିନ୍ଦ୍ର ଦୁର୍ଗା, ପ୍ରଶ୍ନ ବାଗ, ଘନଶ୍ୟାମ ଦୁର୍ଗା, ପୁନୁ ଦୁର୍ଗା, ଚୈତ ରାମ ବାଗ, ଶମ୍ଭୁ ବାଗ ଆକ୍ରାନ୍ତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପ୍ରଶାସନ ଯଦି ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସହାୟତା ନ ଯୋଗାଇଲେ ଆଗାମୀ ଦିନରେ ଦୁଃଖ ଦି ଗୁଣିତ ହେବ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କୁ ପଚାରିବାରୁ ସେହି ଗ୍ରାମରେ କ୍ୟାମ୍ପ କରି ରୋଗର କାରଣ ଅନୁଧ୍ୟାନ କରାଯିବ ଓ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

## ହନୁମାନ ଜୟନ୍ତୀ ପୂଜା ବେଳେ ଯୁବକଙ୍କୁ ହତ୍ୟା

**ସମ୍ବଲପୁର,୧୪।୪(ବ୍ୟୁରୋ)**

ସମ୍ବଲପୁର ବରେଇପାଲି ଥାନା ରେମେଡ ଗ୍ରାମରେ ଶୁକ୍ରବାର ହନୁମାନ ଜୟନ୍ତୀ ପାଳନ ହେଉଥିବା ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ସନ୍ତୋଷ ବେହେରା (୨୫)ଙ୍କୁ ଗ୍ରାମର ଜଣେ ଯୁବକ ଛୁରିରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଆକ୍ରମଣ ପରେ ଗୁରୁତର ସନ୍ତୋଷଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗିରହିଛି। ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ବନ୍ଦ କରି ଦିଆଯାଇଛି। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଚିହ୍ନଟ ହୋଇଥିଲେ ମଧ ଗିରଫ ହୋଇ ନାହାନ୍ତି। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସନ୍ତୋଷ ଘରୁ ପ୍ରାୟ ୧ କି.ମି. ଦୂର ନିଜ ପାନଦୋକାନକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତ ମଧ ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏତିରେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଛୁରିରେ ସନ୍ତୋଷଙ୍କ ଛାତିକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ମେଡିକାଲ ନେଇଥିଲେ। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି।

## କୋଲାବିରାରେ ହନୁମାନ ଜୟନ୍ତୀ



କଳାକାରଙ୍କ ନଗର ପରିକ୍ରମା।

**କୋଲାବିରା,୧୪।୪(ଡି.ଏନ.ଏ.)**

କୋଲାବିରା କୁମ୍ଭାରପଡାସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଭଗବାନ ହନୁମାନଙ୍କ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ହୋମଯଜ୍ଞ ସହ ରାବଣ, ରାମ, ଲକ୍ଷ୍ମଣ, ସୀତା ଆଦି ଭୂମିକାରେ ଅବତୀର୍ଣ୍ଣ କଳାକାରଙ୍କୁ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା। ଭଜନକୀର୍ତ୍ତନ ସାଙ୍ଗକୁ ରାମାୟଣ ପାରାୟଣ ଓ ପଣ୍ଡିତଙ୍କ ମନ୍ତ୍ରପାଠ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ହନୁମାନ ମନ୍ଦିର କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଷୁବ ସଂକ୍ରାନ୍ତି ଅବସରରେ ସ୍ଥାନୀୟ କୁମ୍ଭାରପଡା ହନୁମାନ ମନ୍ଦିର, ତେଲେଙ୍ଗାପଡା ହନୁମାନ ମନ୍ଦିର, ଦକ୍ଷିଣ କାଳୀ ମନ୍ଦିର ଉତ୍ସବମୁଖର ହୋଇଉଠିଥିଲା। ହନୁମାନ ଚାଳିଶା, ରାମଚରିତ ମନାସ ଆଦି ପାଠ କରାଯାଇଥିଲା।

## ନବନିର୍ମିତ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବେଲପାହାଡ,୧୪।୪(ଡି.ଏନ.ଏ.)**

ବେଲପାହାଡ ଜୁନାଡିହିସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଶୁକ୍ରବାର ନବନିର୍ମିତ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ଶିବ ପାର୍ବତୀଙ୍କ ବିଗ୍ରହ ସହ ଶିବ ଲିଙ୍ଗ ପ୍ରତିଷ୍ଠା କରାଯାଇଛି। ପୂଜକ ଭାବରେ ଅମୂଲ୍ୟ କୁମାର ପତି ଓ ସୁଶିଲ ମହାପାତ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଆୟୋଜକ ସ୍ଥାନୀୟ ଯାଦବ ସମାଜ ସଭାପତି ବିଭୀଷଣ ରାଉତ, ସମ୍ପାଦକ ମିଟର କର୍ତ୍ତଙ୍କ ସମେତ ବାବଲୁ ଛଛାଣ, ଅଶୋକ ଘୁସି, ଭକ୍ତି ବନଛୋର, ନରୋତ୍ତମ ଭାଇଁସାଲ, ବଳରାମ ରାଉତ, ଦେବାନନ୍ଦ ଡିଲା, ନିରଞ୍ଜନ ଖରସେଲ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବରୁ ରାଧାକୃଷ୍ଣ ଓ ହନୁମାନଙ୍କ ବିଗ୍ରହ ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଉଥିବାବେଳେ ଏବେ ନୂତନ ମନ୍ଦିରରେ ଶିବ ପାର୍ବତୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିବାରୁ ଶୈବ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପରିଲକ୍ଷିତ ହୋଇଛି।



ଉତ୍ସବରେ କମିଟି କର୍ମକର୍ତ୍ତାଙ୍କ ସହ ଶ୍ରଦ୍ଧାଳୁମାନେ।

## ଆମ୍ବେଡ୍‌କର ଜୟନ୍ତୀ ପାଳିତ

**କୋଲାବିରା,୧୪।୪(ଡି.ଏନ.ଏ.)**

କୋଲାବିରା ଜୟପୁର ଇଷ୍ଟେଟ ସାଂସ୍କୃତିକ ପରିଷଦ ପକ୍ଷରୁ ବାବା ସାହେବ ଡା. ଭିମରାଓ ଅମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିବଂଶ ପ୍ରଧାନ ଅଧ୍ୟକ୍ଷତା କରି ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଭାରେ ସରୋଜ ଟଣକାର, ବିରଞ୍ଚି କୁମାର ପଟେଲ, ଆଇନଜୀବୀ ପ୍ରକାଶଚନ୍ଦ୍ର ହୋତା, ଲଳିନ୍ଦ୍ର ଗୋଖରା, ଅଶୋକ ବେହେରା, ମନୋଜ ପ୍ରଧାନ, ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।




ଜୟନ୍ତୀ ସଭାରେ ଅତିଥିଙ୍କ ସହ ଅନ୍ୟମାନେ।

## ଜୟନ୍ତୀରେ ଆମ୍ବେଡ୍‌କରଙ୍କୁ ଶ୍ରଦ୍ଧାଞ୍ଜଳି



ଆମ୍ବେଦକର ଜୟନ୍ତୀରେ ଶୋଭାଯାତ୍ରା ।

**ସମ୍ବଲପୁର, ୧୪।୪ (ବ୍ୟୁରୋ)**

ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଦିପଡା ଛକସ୍ଥିତ ଆମ୍ବେଡ୍‌କଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁରୂପ ଭାବେ ଷ୍ଟେଶନ ପଡ଼ାରେ ମଧ ଜୟନ୍ତୀ ପାଳନ ହୋଇଥିଲା। ବାଇକ୍ ରାଲି ସହ ଅନୁଷ୍ଠାନ ପକ୍ଷରୁ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ଧରି ଶୋଭାଯାତ୍ରା କରାଯାଇଥିଲା।

